ବିଶେଷାଙ୍କ ସ୍ୱନକ୍ଷତ୍ର

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

e-paper www.sambadkalika.in

ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

TM ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

NS-EN ISO 9001:2008 The Only ISO Certified Odiya Newspaper

କର୍ମଣ୍ୟେ ବାଧିକାରସ୍ତେ ମା' ଫଳେଷୁ କଦାଚନ

ଆଠ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Page ₹ 2.00

• ବର୍ଷ–୩୩ • ସଂଖ୍ୟା–୨୮୮ • ୧୯ ନଭେମ୍ବର ୨୦୨୬ ଗୁରୁବାର • ଭୁବନେଶ୍ୱର • Vol -33 • Issue-288 • 19th November 2026, Thursday • Bhubaneswar RNI Regd.No. : 52640/94 Postal Regd.No. : BN-60/25-27

ମୁକାବିଲା ପ୍ରସ୍ତୁତି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଚ୍ଚସ୍ତରୀୟ ବୈଠକ

ବାତ୍ୟା ଅକଓ୍ୱାନ ଓଡ଼ିଶା ଉପକୂଳ ମୁହାଁ

ଭୁବନେଶ୍ୱର, ୧୮।୧୧
ନ୍ୟୁଜ୍ ବ୍ୟୁରୋ

ସମ୍ଭାବ୍ୟ ବାତ୍ୟା 'ଅକଓ୍ୱାନ'ର ମୁକାବିଲା ଏବଂ ଏହାର ସମସ୍ତ ପ୍ରସ୍ତୁତି ପର୍ବକୁ ନେଇ ବୁଧବାର ରାଜ୍ୟ ଏସ.ଆର.ସି. କଣ୍ଟ୍ରୋଲ ରୁମ୍‌ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଗୁରୁତ୍ୱପୂର୍ଣ୍ଣ ତଥା ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ବିଭିନ୍ନ ବିଭାଗର ପ୍ରସ୍ତୁତିର ଅନୁଧ୍ୟାନ କରିଛନ୍ତି ମୁଖ୍ୟମନ୍ତ୍ରୀ।

ଏହି ଅବସରରେ ଗଣମାଧ୍ୟମକୁ ସୂଚନା ପ୍ରଦାନ କରି ମୁଖ୍ୟମନ୍ତ୍ରୀ କହିଲେ ଯେ, ରାଜ୍ୟ ସରକାର ସମ୍ଭାବ୍ୟ ବାତ୍ୟାର ମୁକାବିଲା କରିବା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି। ପ୍ରତିଥର ଭଳି ଏଥର ମଧ୍ୟ ଆମର ଲକ୍ଷ୍ୟ ହେଉଛି 'ଜିରୋ କାଜୁଆଲଟି' । ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ପହଞ୍ଚାଇବା ପାଇଁ ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀଗୁଡ଼ିକ ପ୍ରସ୍ତୁତ କରାଯାଇଛି । ବିଶେଷକରି ପାହାଡ ତଳି ଅଞ୍ଚଳରେ ଥିବା ସବୁ ଲୋକଙ୍କୁ ସ୍ଥାନାନ୍ତରିତ କରିବା ପାଇଁ ସେ କଡା ନିର୍ଦ୍ଦେଶ ଦେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । (ପୃଷ୍ଠା ୭ରେ)



ଦିବଂଗତଙ୍କୁ ଶ୍ରଦ୍ଧାଞ୍ଜଳି ପରେ

ଶୀତ ଅଧିବେଶନ ଆରମ୍ଭରୁ ବିଧାନସଭାରେ ବିରୋଧୀଙ୍କ ହଟ୍ଟଗୋଳ

ଭୁବନେଶ୍ୱର, ୧୮।୧୧
ନ୍ୟୁଜ୍ ବ୍ୟୁରୋ

ଦିବଂଗତ ପୂର୍ବତନ ମନ୍ତ୍ରୀ, ପୂର୍ବତନ ବିଧାୟକ, ପୂର୍ବତନ ପୁଲିସ୍ କର୍ମଚାରୀ ଏବଂ ବାତ୍ୟା ଅର୍ଣ୍ଣବ ଓ ତତ୍‌ପରବର୍ତ୍ତୀ ଭୂସ୍ଖଳନରେ ପ୍ରାଣ ହରାଇଥିବା ବ୍ୟକ୍ତିବିଶେଷଙ୍କ ଉଦ୍ଦେଶ୍ୟରେ ଶୁକ୍ରବାର ବିଧାନସଭା ବୈଠକ ଆରମ୍ଭରେ ଶୋକ ପ୍ରସ୍ତାବ ଆଲୋଚନା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କାର୍ଯ୍ୟକ୍ରମ ସୁରୁଖୁରୁରେ ସ୍ୱାଭାବିକ ବାତାବରଣ ମଧ୍ୟରେ ସମ୍ପନ୍ନ ହୋଇଥିଲା। ଏହାପରେ ବିରୋଧୀ ଦଳ ଉଭୟ ବିଜେଡ଼ି ଏବଂ କଂଗ୍ରେସର ବିଧାୟକମାନେ ଗୃହର ମଧ୍ୟଭାଗକୁ ଆସି ହୋହାଲ୍ଲା, ପାଟିତୁଣ୍ଡ, ନାରାବାଜି, ପୋଷ୍ଟର ପ୍ରଦର୍ଶନ କରିବା ଯୋଗୁଁ ଗୃହରେ ଅଚଳାବସ୍ଥା ଦେଖାଦେଇଥିଲା। ଅନୁରୂପ ଭାବେ ଦ୍ୱିତୀୟାର୍ଦ୍ଧ ବୈଠକରେ ମଧ୍ୟ ବିରୋଧୀ ଦଳର ବିଧାୟକମାନେ ପୂର୍ବଭଳି ସେମାନଙ୍କର ଦାବି ଦୋହରାଇ ହଟ୍ଟଗୋଳ ଜାରି ରଖିଥିଲେ। ଏଥିଯୋଗୁ ପ୍ରଶ୍ନୋତ୍ତର ସମେତ ଅନ୍ୟ ସମସ୍ତ କାର୍ଯ୍ୟକ୍ରମ ବାଧାପ୍ରାପ୍ତ ହୋଇଥିଲା। ବାଚସ୍ପତି ସୁରମା ପାଢୀ ପୂର୍ବାହ୍ନ (ପୃଷ୍ଠା ୭ରେ)



ଘୁଞ୍ଚିଲା ଏସ୍‌ଏସ୍‌ବି କନିଷ୍ଠ କିରାଣୀ ପରୀକ୍ଷା

ଭୁବନେଶ୍ୱର, ୧୮।୧୧
ନ୍ୟୁଜ୍ ବ୍ୟୁରୋ

ବାତ୍ୟା ଅକବନର ସ୍ଥିତିକୁ ଦେଖି ରାଜ୍ୟରେ ହେବାକୁ ଥିବା ଷ୍ଟାଫ୍ ସିଲେକ୍‌ସନ୍ ବୋର୍ଡ (ଏସ୍‌ଏସ୍‌ବି) ପକ୍ଷରୁ ହେବାକୁ ଥିବା କନିଷ୍ଠ ସହକାରୀ ଓ କନିଷ୍ଠ କିରାଣୀ ପରୀକ୍ଷାକୁ ସ୍ଥଗିତ ରଖାଯାଇଛି। ବୁଧବାର ଏନେଇ ଜାରି ଏକ ପ୍ରେସ୍ ବିବୃତିରେ କୁହାଯାଇଛି, ବିଜ୍ଞାପନ ନଂ ୧/୨୦୨୬ ଅନୁସାରେ ନିର୍ଦ୍ଧାରିତ ଦିନରେ ହେବାକୁ (ପୃଷ୍ଠା ୭ରେ)

ନିଶା ଦ୍ରବ୍ୟର ବିପଦକୁ ନେଇ ଭାବବିହ୍ୱଳ ହେଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୧୮।୧୧

କେନ୍ଦ୍ର ମନ୍ତ୍ରୀ ପରିଷଦ ବୈଠକରେ ଭାବବିହ୍ୱଳ ହେଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ନିଶା ଦ୍ରବ୍ୟର ବହୁଳ ବ୍ୟବହାର ସମ୍ପର୍କରେ ବୈଠକରେ ଆଲୋଚନା ଚାଲିଥିବା ବେଳେ ମୋଦୀ ବେଶ ଚିନ୍ତା ପ୍ରକଟ କରିଛନ୍ତି। ଏହାପରେ ସେ ନିଶା ଦ୍ରବ୍ୟରୁ ଯୁବଗୋଷ୍ଠୀଙ୍କ ସୁରକ୍ଷା ପାଇଁ ଦେଶବ୍ୟାପୀ ଉଦ୍ୟମ ଆରମ୍ଭ କରିବାକୁ ସମସ୍ତଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

ପ୍ରଧାନମନ୍ତ୍ରୀ ମୋଦୀ ଏହି ପ୍ରସଙ୍ଗରେ ବାଷ୍ପରୁଦ୍ଧ କଣ୍ଠରେ କହିଛନ୍ତି ଯେ ଦେଶର ଯୁବଗୋଷ୍ଠୀ ଯେମିତି କୌଣସି ବି ପରିସ୍ଥିତିରେ ନିଶା ଦ୍ରବ୍ୟ କବଳରେ ନ ପଡ଼ିବେ, ତା'କୁ ନିଶ୍ଚିତ କରିବାକୁ ହେବ। ସରକାର ସଫଳତାର ସହ ଯେମିତି ନକ୍ସଲବାଦର ମୁକାବିଲା କଲେ ଠିକ ସେହିପରି ନିଶାଦ୍ରବ୍ୟର ବିପଦକୁ ମୂଳପୋଛ କରିବା ପାଇଁ ସେ ଆହ୍ୱାନ ଦେଇଛନ୍ତି।

ନୂଆଦିଲ୍ଲୀର ଭାରତ ମଣ୍ଡପମରେ ମନ୍ତ୍ରୀମାନଙ୍କ ସହ ଦୀର୍ଘ (ପୃଷ୍ଠା ୭ରେ)

ଭାରତ-ଜାପାନ ସହଯୋଗ ଏବଂ ଆର୍ଥିକ ସୁରକ୍ଷା ଗୁରୁତ୍ୱପୂର୍ଣ୍ଣ

ଟୋକିଓ, ୧୮।୧୧

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ବୁଧବାର କହିଛନ୍ତି ଯେ ଦ୍ରୁତ ଗତିରେ ବଦଳୁଥିବା ବୈଶ୍ୱିକ ପରିଦୃଶ୍ୟ ଏବଂ ଆର୍ଥିକ ଅନିଶ୍ଚିତତା ମଧ୍ୟରେ ଭାରତ ଏବଂ ଜାପାନ ମଧ୍ୟରେ ସହଯୋଗକୁ ମଜଭୁତ କରିବା ସମୟର ଆବଶ୍ୟକ। ସେ କହିଥିଲେ ଯେ ଉଭୟ ଦେଶ ପାଇଁ ଆର୍ଥିକ ସୁରକ୍ଷା ହେଉଛି ସର୍ବୋଚ୍ଚ ପ୍ରାଥମିକତା ଏବଂ ଏଥିପାଇଁ ଜାତୀୟ ସାମର୍ଥ୍ୟକୁ ସୁଦୃଢ଼ କରିବା ସହିତ ବିଶ୍ୱସନୀୟ ଭାଗିଦାରୀର ସମ୍ପ୍ରସାରଣ ଆବଶ୍ୟକ। ଏଠାରେ ରାଇସିନା ଟୋକିଓ ୨୦୨୬ର ଉଦ୍‌ଘାଟନୀ ସମାରୋହକୁ ସମ୍ବୋଧିତ କରି (ପୃଷ୍ଠା ୭ରେ)



୨୪,୧୫୦ କୋଟିର ପ୍ରଥମ ଅତିରିକ୍ତ ବଜେଟ୍ ଆଗତ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୧୮।୧୧
ନ୍ୟୁଜ୍ ବ୍ୟୁରୋ

ବୁଧବାର ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ୨୪,୧୫୦ କୋଟି ଟଙ୍କାର ପ୍ରଥମ ଅତିରିକ୍ତ ଖର୍ଚ୍ଚ ଦାବି ଉପସ୍ଥାପନ କରିଥିଲେ। ଏଥିରେ ପ୍ରଶାସନିକ ବ୍ୟୟ ପାଇଁ ୧୦୬୦ କୋଟି, କାର୍ଯ୍ୟକ୍ରମ ବ୍ୟୟ ପାଇଁ ୧୭୯୯୦ କୋଟି, ବିପର୍ଯ୍ୟୟ ପ୍ରଶମନ ପାଣ୍ଠି ପାଇଁ ୫୧୦୦କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ସେହିପରି ରାଜ୍ୟସ୍ତରୀୟ ଯୋଜନା ପାଇଁ ଅତିରିକ୍ତ ୧୪,୨୨୮ କୋଟି କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା ପାଇଁ ୩୪୪୨ କୋଟି, କେନ୍ଦ୍ରୀୟସ୍ତରୀୟ ଯୋଜନା ପାଇଁ ୩୨୦ କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି। ପ୍ରଥମ ଅତିରିକ୍ତ ବଜେଟରେ ନୂତନ ପଦକ୍ଷେପ ସ୍ୱରୂପ ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା (ପୃଷ୍ଠା ୭ରେ)

ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩,୩୨୬ (-୨୭୮)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୨,୨୧୫ (-୨୨୫)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୯୯୯୪ (-୨୦୯)

ରୁପା ଦର

ରୂପା – ପ୍ରତି ଗ୍ରାମ ୧୮୫ (-୫)

ଏକାଳ ପଖାଳ



ନିର୍ବାଚନ ଥୋପ ପଡିଲା ଭାଇନା
ଟାକୁଟାକୁ କରି ଗିଳ
ପ୍ରଚୁର ବଜେଟ୍ ପ୍ରବଳ ଆଶାରେ
ଗୁଞ୍ଜରଇ ଜଳଥଳ
ବାବୁଙ୍କୁ ପୂରା ଅକଳ
ଖରଚ ଗୁଡା କରିବେ କେମିତି
ଯେ ବରଷ ସରିବା ବେଳ।



ନିର୍ଦ୍ଦୋଷ ପ୍ରାଣୀଙ୍କ ହତ୍ୟା ବନ୍ଦ ହେଉ



ନୂଆଦିଲ୍ଲୀ, ୧୮।୧୧

ଧର୍ମ ନାମରେ ପ୍ରାଣୀଙ୍କର ନିର୍ମମ ହତ୍ୟା ବନ୍ଦ କରିବା ନେଇ ଏକ ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରି ଦେଇଛନ୍ତି। ଆବେଦନକାରୀ ଯୁକ୍ତି ଦର୍ଶାଇଥିଲେ ଯେ, ହିନ୍ଦୁ ଶାସ୍ତ୍ରରେ ବଳିଦାନର ପ୍ରକୃତ ଅର୍ଥ ହେଉଛି ଅହଂକାର, ଅଜ୍ଞତା ଏବଂ ଦୁଷ୍ଟ ପ୍ରବୃତ୍ତିକୁ ତ୍ୟାଗ କରିବା, ପ୍ରାଣୀଙ୍କୁ ହତ୍ୟା ନୁହେଁ। ଧାର୍ମିକ ପରମ୍ପରା ନାମରେ ପ୍ରାଣୀଙ୍କର ନିର୍ମମ ହତ୍ୟା ବନ୍ଦ କରିବା ପାଇଁ କେନ୍ଦ୍ର ସରକାରଙ୍କୁ ଆବଶ୍ୟକ ପଦକ୍ଷେପ ନେବାକୁ ଆବେଦନକାରୀ କୋର୍ଟଙ୍କୁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରିଥିଲେ।

ଶୁଣାଣି ସମୟରେ ଆବେଦନକାରୀ ଯୁକ୍ତି ଦର୍ଶାଇଥିଲେ ଯେ, ହିନ୍ଦୁ ଶାସ୍ତ୍ରର ମୌଳିକ ଭାବନା ହେଉଛି ଜୀବଜନ୍ତୁଙ୍କ ପ୍ରତି କରୁଣା ଏବଂ ଅହିଂସା। ଅଥର୍ବବେଦ, ସାମବେଦ ଏବଂ ଯଜୁର୍ବେଦରେ କୁହାଯାଇଛି ଯେ, ନିର୍ଦ୍ଦୋଷ ପ୍ରାଣୀଙ୍କୁ ହତ୍ୟା କରିବା ପାପ। ହିନ୍ଦୁ ଦର୍ଶନରେ ଭଗବାନ ପଶୁପତିଙ୍କୁ ପ୍ରାଣୀଙ୍କ ରକ୍ଷକ (ପୃଷ୍ଠା ୭ରେ)



32 YEARS
ସମ୍ବାଦ ଜାହ୍ନବୀ
ଭୁବନେଶ୍ୱର, ୧୯ ନଭେମ୍ବର ୨୦୨୬ ଗୁରୁବାର



ଯୁଗ୍ମ ଅଭିଯୋଗ ଶୁଣାଣି : ୩୭ ମାମଲା ପଞ୍ଜୀକୃତ

ଡାବୁଗାଁ, ନ୍ୟୁଜ ବ୍ୟୁରୋ

ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ଓ ଅଭିଯୋଗର ତ୍ୱରିତ ସମାଧାନ ତଥା ଲୋକଙ୍କ ନିକଟରେ ସ୍ୱଚ୍ଛ ଓ ଉତ୍ତରଦାୟୀ ପ୍ରଶାସନିକ ସେବା ପହଞ୍ଚାଇବା ଉଦ୍ଦେଶ୍ୟରେ ଆଜି ନବରଙ୍ଗପୁର ଜିଲ୍ଲାର ଡାବୁଗାଁ ବ୍ଲକ କାର୍ଯ୍ୟାଳୟଠାରେ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଶ୍ରୀମତୀ ମଧୁମିତା ଏବଂ ଆରକ୍ଷୀ ଅଧୀକ୍ଷକ କାଶ୍ୟପ ପାର୍ଥ ଜଗଦୀଶଙ୍କ ମିଳିତ ଅଧ୍ୟକ୍ଷତାରେ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଜନଅଭିଯୋଗ ଶୁଣାଣି ଶିବିରରେ ମୋଟ ୩୬ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୧୯ଟି ବ୍ୟକ୍ତିଗତ ଅଭିଯୋଗ ଥିବାବେଳେ ୧୭ଟି ଗ୍ରାମସ୍ତରୀୟ ତଥା ସାମୂହିକ ସମସ୍ୟା ସମ୍ପର୍କିତ ଅଭିଯୋଗ ରହିଥିଲା। ଏଥିମଧ୍ୟରୁ ୨ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଶିବିରରେ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟେକ ଅଭିଯୋଗକାରୀଙ୍କ ସମସ୍ୟାକୁ ଧୈର୍ଯ୍ୟର ସହ ଶୁଣିବା ସହ ଅଭିଯୋଗଗୁଡ଼ିକର ପ୍ରକୃତ ସ୍ଥିତି ଓ କାରଣ ସମ୍ପର୍କରେ ଅବଗତ ହୋଇଥିଲେ। ଏଥିସହ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଅଭିଯୋଗଗୁଡ଼ିକର ଗୁରୁତ୍ୱ ଅନୁଯାୟୀ ତଦନ୍ତ କରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ତ୍ୱରିତ ଓ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜନସାଧାରଣଙ୍କ ଅଭିଯୋଗର ସମାଧାନ କ୍ଷେତ୍ରରେ ବିଳମ୍ବ ନକରିବା, ପ୍ରତ୍ୟେକ ଅଭିଯୋଗର ଅନୁଧ୍ୟାନ କରିବା ଏବଂ ଅଭିଯୋଗକାରୀଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ କରିବା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ। ଅନ୍ୟପକ୍ଷରେ, ପୁଲିସ ବିଭାଗ ସମ୍ପର୍କିତ ଅଭିଯୋଗଗୁଡ଼ିକୁ ଆରକ୍ଷୀ ଅଧୀକ୍ଷକ ଶୁଣିବା ସହ ସମ୍ପୃକ୍ତ ଅଧିକାରୀମାନଙ୍କୁ ଆଇନ ଅନୁଯାୟୀ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ଏହି ଜନଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଡ. ପ୍ରମୋଦ କୁମାର ପୃଷ୍ଟି, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରତାପ ଚନ୍ଦ୍ର ପ୍ରଧାନ, ବନଖଣ୍ଡ ଅଧିକାରୀ ଉଦୟନ ସୁବୁଦ୍ଧି, ଉପଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ଡାବୁଗାଁ ବ୍ଲକ ଉନ୍ନୟନ ଅଧିକାରୀ ସମୀର କୁମାର ପାତ୍ରଙ୍କ ସମେତ ଜିଲ୍ଲାସ୍ତରୀୟ ସମସ୍ତ ସମ୍ପୃକ୍ତ ଅଧିକାରୀ ଓ ବିଭିନ୍ନ ବିଭାଗର ପଦାଧିକାରୀମାନେ ଯୋଗଦେଇଥିଲେ। ଜନସାଧାରଣଙ୍କ ସମସ୍ୟାର ତ୍ୱରିତ ସମାଧାନ, ପ୍ରଶାସନିକ ସେବାରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବା ସହ ସାଧାରଣ ଲୋକଙ୍କ ନିକଟରେ ପ୍ରଶାସନକୁ ଅଧିକ ଉତ୍ତରଦାୟୀ ଓ ଲୋକାଭିମୁଖୀ କରିବା ଏହି ଜନଅଭିଯୋଗ ଶୁଣାଣିର ମୁଖ୍ୟ ଉଦ୍ଦେଶ୍ୟ ଥିଲା।

ରାଜଧାନୀ ହେବ ଅପରାଧମୁକ୍ତ: ଲାଗିବ ୩୪୦୦ ଏଆଇ କ୍ୟାମେରା

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ରାଜଧାନୀ ପାଇଁ ତିଆରି ହେବ ମେଗା ସୁରକ୍ଷା କରିଡର। ଭୁବନେଶ୍ୱର ହେବ ଅପରାଧ ଓ ଅଘଟଣମୁକ୍ତ। ଅପରାଧରେ ପୁରୁଣା ରେକର୍ଡ ଥିବା ଅବା କୌଣସି ୱାରେଣ୍ଟି ରାଜଧାନୀରେ ପ୍ରବେଶ କରିବା ମାତ୍ରେ ଥାନାମାନଙ୍କୁ ମିଳିବ ସୂଚନା। ସଂପୃକ୍ତ ଅପରାଧୀ କେଉଁଆଡ଼େ ଯାଉଛନ୍ତି, ତାର ସଂପୂର୍ଣ୍ଣ ଗତିବିଧି ବି ଜାଣିହେବ। ଛିନ୍‌ତାଇଙ୍କୁ ଧରିବା ଆହୁରି ସହଜ ହେବ। ସେପଟେ କେଉଁଠି ନିଆଁ ଲାଗିଲା, କେଉଁ ଅଞ୍ଚଳରେ ଭିଡ଼ ବଢ଼ିଲା ଅବା ଦୁର୍ଘଟଣା ଘଟିଲା, କେଉଁଠି ବାୟୁ ପ୍ରଦୂଷଣ ବଢୁଛି କି କେହି ଦ୍ରୁତଗତିରେ ଗାଡ଼ି ଚଳାଇ ଯାଉଛନ୍ତି, ସବୁକିଛିର ଟିକିନିଖି ବିବରଣୀ ଜାଣିହେବ। ରାଜ୍ୟରେ ପ୍ରଥମ କରି ଏଭଳି ସମନ୍ୱିତ ପ୍ରକଳ୍ପ ରାଜଧାନୀ ଭୁବନେଶ୍ୱରରେ କରିବାକୁ ଯାଉଛନ୍ତି ରାଜ୍ୟ ସରକାର।

ସରକାର ଏଥିପାଇଁ ଉଚ୍ଚକ୍ଷମତାସଂପନ୍ନ ଏଆଇ (ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ)ର ବ୍ୟବହାର କରିବାକୁ ଯାଉଛନ୍ତି। ପ୍ରାୟ ୪୦୦ କୋଟି ଟଙ୍କାର ମେଗା ଯୋଜନା ପ୍ରସ୍ତୁତ କରାଯାଇଛି। ସହରରେ ୮୫୦ଟି ପ୍ରମୁଖ ସ୍ଥାନରେ ଏଥିପାଇଁ ୩୪୦୦ଟି ଏଆଇ କ୍ୟାମେରା ଲାଗିବ। ଏହି କ୍ୟାମେରା ଏତେ ଉଚ୍ଚକ୍ଷମତା ସଂପନ୍ନ ଯେ ମହିଳା, ପୁରୁଷ, ରଙ୍ଗ ସବୁକୁ ସହଜରେ ଠଉରେଇ ନେବ। ପୂର୍ବରୁ ପ୍ରତି ୧ ହଜାର ଜନସଂଖ୍ୟାରେ ୭୫ଟି ସାଧାରଣ କ୍ୟାମେରା ଲଗାଇବାକୁ ପଡୁଥିଲା। କିନ୍ତୁ ଏହି ଏଆଇ କ୍ୟାମେରା ଏକକାଳୀନ ୨୦୦୦ରୁ ଅଧିକ ଲୋକଙ୍କ ଉପରେ ନଜର ରଖିପାରିବ। ବିଶେଷ କରି ମହିଳା ସୁରକ୍ଷା ପାଇଁ ଏହି ଏଆଇ କ୍ୟାମେରାକୁ ଅଧିକ ବୈଷୟିକ ଜ୍ଞାନସଂପନ୍ନ କରାଯାଇଛି। ଭୁବନେଶ୍ୱର ମହାନଗର ନିମମ ମୁଖ୍ୟାଳୟରେ ଚାଲିଥିବା ଆଇସିସିସି(ଇଣ୍ଟିଗ୍ରେଟେଡ୍ କମାଣ୍ଡ କଣ୍ଟ୍ରୋଲ ସେଣ୍ଟର) ଏହାର ମୁଖ୍ୟ ନିୟନ୍ତ୍ରଣ କକ୍ଷ ହେବ। ଲାଗିବାକୁ ଥିବା ଏଆଇ କ୍ୟାମେରାରେ ଫେସ୍ ରେକଗ୍‌ନିସନ୍ ବ୍ୟବସ୍ଥା(ଏଫ୍‌ଆରଏସ୍) ରହିବ। ଅପରାଧୀଙ୍କୁ ଧରିବା ପାଇଁ ଜାତୀୟ କ୍ରାଇମ୍ ରେକର୍ଡ ବ୍ୟୁରୋ ଓ ରାଜ୍ୟ କ୍ରାଇମ୍ ରେକର୍ଡ ବ୍ୟୁରୋର ତଥ୍ୟକୁ ଏହା ସହ ସଂଲଗ୍ନ କରାଯିବ। ସ୍ୱୟଂଚାଳିତ ଭାବେ ଥାନାକୁ ପପ୍‌ଅପ୍ ନୋଟିସ୍ ମିଳିଯିବ। କେଉଁଠି ଧୂଆଁ ଉଠିଲେ, ଆଗୁଆ ଜଣାଇଦେବ। ୫୦ରୁ ୬୦ ମିମି ବର୍ଷା ହେଲା ମାତ୍ରେ ଏହା ପୂର୍ବସୂଚନା ଦେବ। କେଉଁ ଅଞ୍ଚଳରେ ବନ୍ୟା ସମ୍ଭାବନା ରହିଛି, ତାର ବି ପୂର୍ବସୂଚନା ଦେବ। ଅଳିଆ ପଡ଼ିଥିବା ସ୍ଥାନର ସୂଚନା ବିଏମ୍‌ସିକୁ ଜଣାଇଦେବ। କେଉଁ ରାସ୍ତାରେ ଅଧିକ ବୁଲାକୁକୁର, ବୁଲା ଗାଈଗୋରୁ ରହିଛନ୍ତି, ତାର ବି ସୂଚନା ଦେବ। ଏଭଳି ଅନେକ ବ୍ୟବସ୍ଥା ଏହାସହ ଯୋଡ଼ାଯାଇଛି। ଆଇଆଇଟି, ଆଇଆଇଆଇଟିର ପ୍ରଫେସର, ଓକାକ୍ ଭଳି ସଂସ୍ଥାମାନେ ଏଥିପାଇଁ ବୈଷୟିକ ଜ୍ଞାନ ଦେଇଛନ୍ତି।

ଏ ଉପରେ ମୁଖ୍ୟମନ୍ତ୍ରୀ ବି ବୈଠକ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ଅବସରପ୍ରାପ୍ତ ପୁଲିସ ଡିଜି ପ୍ରକାଶ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରକଳ୍ପ ପୂର୍ଣ୍ଣରୂପ ନେବାକୁ ଯାଉଛି। ଏ ଭିତରେ ଶ୍ରୀ ମିଶ୍ର ବି ଦୁଇଥର ବୈଠକ କରି ପ୍ରକଳ୍ପର ଅଗ୍ରଗତି ନେଇ ସମୀକ୍ଷା କରିଛନ୍ତି। ପ୍ରକଳ୍ପର ଅଗ୍ରଗତି ସହ କାର୍ଯ୍ୟ ତଦାରଖ ପାଇଁ ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଚଞ୍ଚଳ ରାଣାଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି। ଭୁବନେଶ୍ୱର-କଟକ ପୁଲିସ କମିସନର ପରାମର୍ଶକ୍ରମେ ଏଆଇ କ୍ୟାମେରା ଲଗାଇବାକୁ ୮୫୦ଟି ସ୍ଥାନ ଚୟନ କରାଯାଇଛି। ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ ଏହି ପ୍ରକଳ୍ପ କାମ କରିବ। ଏଥିପାଇଁ ଗତ ୯ ତାରିଖରେ ଟେଣ୍ଡର ଆହ୍ୱାନ କରାଯାଇଛି। ଟେଣ୍ଡର ବୃତ୍ତାନ୍ତ ଓ କାର୍ଯ୍ୟାଦେଶ ମିଳିବାର ୧୨ ମାସ ଭିତରେ ପ୍ରକଳ୍ପ କାମ ସରିବ। ଏହା ପରେ ସଂପୃକ୍ତ ସଂସ୍ଥା ୫ ବର୍ଷ ପାଇଁ ଏହାର ପରିଚାଳନା ଦାୟିତ୍ୱ ମୁଣ୍ଡାଇବ। ଯେଉଁ ଠିକାସଂସ୍ଥାର ବାର୍ଷିକ ଆୟବ୍ୟୟ ୬୦୦ କୋଟିରୁ ଅଧିକ, ଆଗରୁ ୨୫ଶହରୁ ଅଧିକ ଆଇପି କ୍ୟାମେରା ଲଗାଇ ସାରିଛନ୍ତି ଓ ଏଭଳି ପ୍ରକଳ୍ପ କରିବାରେ ୭ ବର୍ଷର ଅଭିଜ୍ଞତା ରହିଛି, ସେହିମାନଙ୍କୁ ହିଁ ଏହି ଟେଣ୍ଡରରେ ଅଂଶଗ୍ରହଣର ସୁଯୋଗ ଦିଆଯାଇଛି।



ଜନତାଙ୍କ ଆପତ୍ତି ଅଭିଯୋଗ ଶୁଣିଲେ ଜିଲ୍ଲାପାଳ

ଜଗତସିଂହପୁର, ନ୍ୟୁଜ ବ୍ୟୁରୋ

ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତରହି ଜିଲ୍ଲାପାଳ ଜେ ସୋନାଲ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ମୋଟ ୧୩୭ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୧୩୩ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ/ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୪ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ କାର୍ଡ ସମସ୍ୟା ସମ୍ପର୍କୀୟ ୮ଟି, ଆବାସ ଯୋଜନା ସମ୍ପର୍କୀୟ ୧୭ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୨୭ଟି, ପୋଲିସ ସହାୟତା ପାଇବା ପାଇଁ ୮ ଟି, ଭତ୍ତା ପାଇବା ପାଇଁ ୫ଟି, ମୁଖ୍ୟମନ୍ତ୍ରୀ ଚିଲିଫ୍ ପାଣ୍ଡି ସହାୟତା ପାଇଁ ୧ଟି ଏବଂ ଅନ୍ୟାନ୍ୟ ୪୯ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୧୮ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା, ଅତିରିକ୍ତ ଜିଲ୍ଲାପାଳ, ଜ୍ୟୋତି ଶଙ୍କର ରାୟ, ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଅକ୍ଷୟ ପିଲ୍ଲେ, ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ବ୍ଲକ୍ ଉନ୍ନୟନ ଅଧିକାରୀ, ଜଗତସିଂହପୁର,ତହସିଲଦାର, ଜଗତସିଂହପୁର, ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗ ଶୁଣାଣି କରିଥିଲେ।



ସହିଦ୍ ବିର୍ସା ମୁଣ୍ଡାଙ୍କ ତ୍ୟାଗ ଓ ବୀରତ୍ୱ ଅତୁଳନୀୟ



ବରଗଡ, ନ୍ୟୁଜ ବ୍ୟୁରୋ

ଜାତୀୟ ଆନ୍ଦୋଳନରେ ମହାନ୍ ବିପ୍ଳବୀ ବୀର ସହୀଦ ବିର୍ସା ମୁଣ୍ଡାଙ୍କ ତ୍ୟାଗ ଓ ବୀରତ୍ୱ ଅତୁଳନୀୟ। ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବରଗଡ଼ ଜିଲ୍ଲା ଭଟଲି ବ୍ଲକ୍ ଅନ୍ତର୍ଗତ ଗୋପାଲପୁର ଆଶ୍ରମ ବିଦ୍ୟାଳୟରେ ସହୀଦ ବିର୍ସା ମୁଣ୍ଡାଙ୍କ ୧୫୧ ତମ ଜନ୍ମ ଜୟନ୍ତୀ ଅବସରରେ ଜନ ଜାତୀୟ ଗୌରବ ଦିବସ ଏବଂ ଅଭିଭାବକ ଆମର ଅଂଶୀଦାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉଚ୍ଛବ ଭୁଏଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ମୁଖ୍ୟ ଅତିଥି ଭାବରେ ବଡ଼ମାଳ ହାଇସ୍କୁଲର ପ୍ରଧାନ ଶିକ୍ଷକ ତଥା ପରିବେଶବିତ ସାଞ୍ଜୟ ଖମାରୀ, ମୁଖ୍ୟ ବକ୍ତା ଭାବେ ଏନପିଏସ୍ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଯୋଗେଶ୍ୱର ପ୍ରଧାନ, ସମ୍ମାନିତ ଅତିଥି ଭାବରେ ଆଇସିଡିଏସ ପ୍ରତିନିଧି ମୀନା ସାହୁ, ଭଟଲି ଶାଖାର ସହକାରୀ ପୋଷ୍ଟମାଷ୍ଟର ପଟ୍ଟଦ୍ରହ୍ମ ମହାପାତ୍ର, ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷ ଯୁଧିଷ୍ଠିର ଭୁଏ, ଉପାଧ୍ୟକ୍ଷା ସୁନୀତା ଭୁଏ, କମିଟିର ପୂର୍ବତନ ଅଧ୍ୟକ୍ଷ ଅନନ୍ତ ସାହୁ ଯୋଗ ଦେଇ ବିର୍ସା ମୁଣ୍ଡାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପ୍ରଧାନ ଶିକ୍ଷକ ଭୁଏ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଶିକ୍ଷୟିତ୍ରୀ ଦୀପ୍ତି ତ୍ରିପାଠୀ ସଭା ସଂଯୋଜନା କରିଥିଲେ। ଦେଶକୁ ସ୍ୱାଧୀନ କରିବାରେ ସହୀଦ ବିର୍ସା ମୁଣ୍ଡାଙ୍କ ଉତ୍ସର୍ଗୀକୃତ ମନୋଭାବ ଓ ସଂଘର୍ଷମୟ ଜୀବନୀ ସମ୍ପର୍କରେ ଅତିଥିବୃନ୍ଦ ଆଲୋକପାତ କରିଥିଲେ। ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଆୟୋଜିତ ବକ୍ତୃତା, ସଙ୍ଗୀତ, ନୃତ୍ୟ, ଗଳ୍ପ କଥନ ଓ ଚିତ୍ରାଙ୍କନ ଆଦି ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ପରିଚାଳନାରେ ସ୍ଥାନୀୟ ଆଶ୍ରମ ସ୍କୁଲର ମମତା ସାହୁ, ପଞ୍ଚମୀ ନାଏକ, ବିଦ୍ୟା ବାଡିକ, ଜୟନ୍ତୀ ମୁନା, ଶିକ୍ଷକ ଦିଲ୍ଲୀପ ପଧାନ, ରାଜୀବ ସାହୁ, ଛତ୍ରଧାରୀ ସିଦାର, କମିଟିର ସଦସ୍ୟ ସତ୍ୟବାନ ନାଏକ, ପ୍ରତାପ ମେହେର, ଅକ୍ଷୟ ବାରିକ, ସୁନନ୍ଦ ସାହୁ, ଅଶୋକ ସାହୁ, ସଦସ୍ୟା ରୀନା ସାହୁ, ମମତା ମାଝୀ, ରାତା ସାହୁ, କନକ ସାହୁ, ଅହଲ୍ୟା ସାହୁ, ପଦ୍ମିନୀ ବାଗ, ମହିଳା ସ୍ୱେଚ୍ଛାସେବୀ ମାନସୀ ଷଣ୍ଢ, ସାବିତ୍ରୀ ଭୁଏ, ସବିତା ବାଗ, ସାବିତ୍ରୀ ବାଡା ଏବଂ ଶିକ୍ଷାର୍ଥୀମାନଙ୍କ ସହ ସେମାନଙ୍କ ପିତାମାତା ଉପସ୍ଥିତ ରହି ସକ୍ରିୟ ସହଯୋଗ କରିଥିଲେ। ଶେଷରେ ଶିକ୍ଷକ ଦିଲ୍ଲୀପ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

ଜଳେଶ୍ୱରରେ ୧୪୨ ଅଭିଯୋଗ ଗୃହୀତ

ବାଲେଶ୍ୱର, ନ୍ୟୁଜ

ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ବାଲେଶ୍ୱର ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଜଳେଶ୍ୱର ପଞ୍ଚାୟତ ସମିତି ଅଧୀନସ୍ଥ ବିଭିନ୍ନ ଗ୍ରାମ ପଞ୍ଚାୟତରୁ ୧୪୨ ଜଣ ଅଭିଯୋଗକାରୀ ନିଜର ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ। ସେଥି ମଧ୍ୟରୁ ୧୩୪ ଗୋଟି ବ୍ୟକ୍ତିଗତ ଓ ୮ ଗୋଟି ସାମୁହିକ ଅଭିଯୋଗ ସମ୍ପର୍କିତ ଅଟେ ଓ ଏହି ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମରେ ୮ ଗୋଟି ଅଭିଯୋଗର ତତକାଳ ସମାଧାନ କରାଯାଇଥିଲା ଓ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ହେମନ୍ତ କୁମାର ସିଂହ, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରିଣୀ ଡ. ମଧୁସ୍ମିତା ସାମନ୍ତରାୟ, ଭାରପ୍ରାପ୍ତ ବିଡିଓ, ଜଳେଶ୍ୱର ସୁଧୀର କୁମାର ସାହୁ, ଜଳେଶ୍ୱର ତହସିଲଦାର ସତ୍ୟଜିତ ମହାନ୍ତିଙ୍କ ସହିତ ଜିଲ୍ଲାର ବିଭିନ୍ନ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ।

ବେଲୁର ମଠ ପକ୍ଷରୁ ୯୪୭ ଜଣ ବନ୍ୟା ବିପନ୍ନଙ୍କୁ ସହାୟତା

ରମ୍ଭା, ନ୍ୟୁଜ ବ୍ୟୁରୋ

ଗଞ୍ଜାମ ବ୍ଲକ ଅନ୍ତର୍ଗତ ବେଲୁର ମଠ ପ୍ରଦତ ରାମକୃଷ୍ଣ ମିଶନ ଭୁବନେଶ୍ୱର ପକ୍ଷରୁ ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିର ସନ୍ତୋଷ ପୁରର ମାଧ୍ୟମରେ ଗଞ୍ଜାମ ବ୍ଲକର ବରପଲ୍ଲୀ ୨୮୦ ଜଣ, ଖଟିଆ ରାମଚନ୍ଦ୍ର ପୁରରେ ୬୫ ଜଣ ଓ ହରିଜନ ସାହିରେ ୮୦ ଜଣ, ଖଲ୍ଲିକୋଟ ବ୍ଲକର ତଳ ରାମ ପଲ୍ଲୀରେ ୨୦୦ ଜଣ, ବାଲିଆ ୫୧ ଜଣ ଓ ଆସିକାର ନବରତ୍ନ ପୁର ଗ୍ରାମରେ ୨୭୦ ଜଣ ବିପନ୍ନଙ୍କୁ କମଳ, ଲୁଙ୍ଗି, ଗାମୁଛା, ଶାଢ଼ୀ, ଟବାଲ ବିସ୍କେଟ, ଇତ୍ୟାଦି ଭୁବନେଶ୍ୱର ରାମକୃଷ୍ଣ ମିଶନର ସନ୍ୟାସୀ ଶ୍ରୀମଦ ସ୍ୱାମୀ ଅଦ୍ୟତାନନ୍ଦ ଜି ମହାରାଜଙ୍କ ଅଧକ୍ଷତାରେ ପ୍ରଦାନ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିର ସନ୍ତୋଷ ପୁର ଅଧକ୍ଷ ରାମ କୃଷ୍ଣ ଭକ୍ତ ବଟକୃଷ୍ଣ ତ୍ରିପାଠୀ, ନିଜ ଅଞ୍ଚଳର ବନ୍ୟା ପରିସ୍ଥିତିକୁ ମଠା ଧୀଶଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଯୋଗୁଁ ଏହି ସବୁ ଅଞ୍ଚଳରେ ବିପନ୍ନଙ୍କୁ ସାହାଯ୍ୟ ମିଳିପାରିଲା ବୋଲି କ୍ଷତିଗ୍ରସ୍ତ ସାଧାରଣ ଜନତା ପକ୍ଷରୁ ଜଣାଯାଇଛି। ବଣ୍ଟନରେ ପରମେଶ ଧଳ, କପିଲି ଆଚାରୀ, ଦେବାଶିଷ ଦାଶ, ଶିବରାମ ନନ୍ଦ, ସୁଶାନ୍ତ କୁମାର ନାୟକ, ଜ୍ୟୋତି ରଞ୍ଜନ ଦଲସିଂହାରୀ ପ୍ରମୁଖ ଦୀର୍ଘ ଦିନ ଧରି ସହଯୋଗ କରିଥିଲେ।



ବିବର୍ତ୍ତିତ ସମାଜରେ ଗଣମାଧ୍ୟମର ଭୂମିକା ଉପରେ ଗୁରୁତ୍ୱାରୋପ

ବାଲେଶ୍ୱର, ନ୍ୟୁଜ

ନୀଳଗିରି ଉପଖଣ୍ଡ ସଦର ମହକୁମା ସ୍ଥିତ ସାମ୍ବାଦିକ ପ୍ରକୋଷ୍ଠରେ ଜାତୀୟ ପ୍ରେସଦିବସ ପାଳିତ ହୋଇଯାଇଛି। ଏଥିରେ ବରିଷ୍ଠ ସାମ୍ବାଦିକ ରବି ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିବାବେଳେ ସମ୍ମାନିତଅତିଥି ଭାବେ ପଣ୍ଡିତ ସତ୍ୟବ୍ରତ ମିଶ୍ର, ଲେଖକ ତଥା ବଣସୀମା ଆଞ୍ଚଳିକ ବିକାଶପରିଷଦର ସମ୍ପାଦକ ଅମରେନ୍ଦ୍ର ନାୟକ, ମୁଖ୍ୟବକ୍ତା ଭାବେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋବର୍ଦ୍ଧନ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଦେବର୍ଷି ନାରଦଙ୍କ ଫୋଟୋଚିତ୍ର ନିକଟରେ ଧୂପଦୀପ ଦାନପରେ କାର୍ଯ୍ୟାରମ୍ଭ ହୋଇଥିଲା। ସାମ୍ବାଦିକ ବିଜୟ କୁମାର ଲେଙ୍କାଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ବ୍ରଜକିଶୋର ପାଣି ସଭାପତିତ୍ୱ କରିବା ସହିତ ଅତିଥିପରିଚୟ ପ୍ରଦାନ କରିଥିଲେ। ପରେ ପଣ୍ଡିତ ଶ୍ରୀ ମିଶ୍ର

32 YEARS
ସମ୍ବାଦ ଜାହ୍ନବୀ
ଭୁବନେଶ୍ୱର, ୧୯ ନଭେମ୍ବର ୨୦୨୬ ଗୁରୁବାର



ସାର୍ବଜନିକ ବିଜ୍ଞପ୍ତି

- ଟଙ୍କା ବଦଳରେ ରେଳପଥରେ ନିଯୁକ୍ତି ଦେବାର ମିଥ୍ୟା ପ୍ରତିଶ୍ରୁତି ଦେଉଥିବା ଠକମାନଙ୍କ ପ୍ରତି ସତର୍କ ରୁହନ୍ତୁ
- ଠକମାନେ ରେଳପଥ ଅଧିକାରୀଙ୍କ ଜାଲ୍ ଦସ୍ତଖତ ଏବଂ ମୋହର ସହିତ ନକଲି କଲ୍ ଲେଟର ବ୍ୟବହାର କରୁଛନ୍ତି
- ଅପରାଧରେ ଅଂଶୀଦାର ହୁଅନ୍ତୁ ନାହିଁ
- ଏଥିପାଇଁ ଆପଣଙ୍କ ବିରୁଦ୍ଧରେ ମକଦ୍ଦମା ଚାଲିବା ସହିତ ଆପଣଙ୍କୁ ଜେଲ ଦଣ୍ଡ ମଧ୍ୟ ଭୋଗିବାକୁ ପଡ଼ିପାରେ

ପୂର୍ବ ତଟ ରେଳପଥରେ ରେଳପଥ ନିଯୁକ୍ତି ସମ୍ବନ୍ଧରେ ସଠିକ୍ ସୂଚନା ପାଇଁ ଦୟାକରି ନିମ୍ନବର୍ଣ୍ଣିତ ୱେବ୍‌ସାଇଟ୍ ଅବଲୋକନ କରନ୍ତୁ:

www.rrbbbs.gov.in | www.rrcbbs.org.in

ଯଦି କେହି ଲାଞ୍ଚ ନେଇ ରେଳପଥରେ ନିଯୁକ୍ତି ଦେବାର ମିଥ୍ୟା ପ୍ରତିଶ୍ରୁତି ଦେଉଛନ୍ତି କିମ୍ବା କେତେକ ରେଳପଥ ପ୍ରାଧିକାରୀଙ୍କ ନାମରେ ଏକ କଲ୍ ଲେଟର ଜାରି କରୁଛନ୍ତି, ତେବେ ଦୟାକରି ଏହାର ସତ୍ୟତା ଯାଞ୍ଚ କରନ୍ତୁ:

ମୁଖ୍ୟ ଦୁର୍ନୀତି ନିବାରଣ ଅଧିକାରୀ
ପୂର୍ବ ତଟ ରେଳପଥ, ପ୍ରଥମ ମହଲା, ଦକ୍ଷିଣ ବ୍ଲକ୍
ରେଳ ସଦନ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଓଡ଼ିଶା-751017
ଇ-ମେଲ୍: sdgm@ecor.railnet.gov.in

ମୁଖ୍ୟ ଜନ ସମ୍ପର୍କ ଅଧିକାରୀ
ପୂର୍ବ ତଟ ରେଳପଥ, ତଳ ମହଲା, ଦକ୍ଷିଣ ବ୍ଲକ୍
ରେଳ ସଦନ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଓଡ଼ିଶା-751017
ଇ-ମେଲ୍: cpro@ecor.railnet.gov.in


ଆମ ସହିତ ଯୋଗାଯୋଗ କରିବା ପାଇଁ ଆପଣ ମଧ୍ୟ ସାମାଜିକ ଗଣମାଧ୍ୟମ ବ୍ୟବହାର କରିପାରିବେ:
www.facebook/@EASTCOASTRailway1 | www.x.com/EastCoastRail
www.instagram.com/cproecor | www.kooapp.com/@eastcoastrail

ପୂର୍ବ ତଟ ରେଳପଥ
ଆପଣଙ୍କ ପାଇଁ ଆମେ ଯତ୍ନବାନ
D-16/26-27

ସମ୍ଭାବ୍ୟ ବାତ୍ୟା ଅକଭାନ ମୁକାବଲା ନେଇ ତତ୍ପରତା

ରମ୍ଭା, ନ୍ୟୁଜ୍ ବ୍ୟୁରୋ

ସାମ୍ଭାବ୍ୟ ବାତ୍ୟା ଅକଭାନକୁ ନେଇ ସଜାଗ ରହିଛି ରମ୍ଭା ସହରାଞ୍ଚଳ ପ୍ରଶାସନ। ଏଥିପାଇଁ ପ୍ରଶାସନ ପକ୍ଷରୁ ତତ୍ପରତା ଦେଖାଦେବା ସହ ବେତାର ମାଧ୍ୟମରେ ଜନସାଧାରଣକୁ ସଚେତନ କରାଯାଉଛି। ସନ୍ତୋଷପୁର ଠାରେ ବାତ୍ୟା ମୁକାବିଲା ପ୍ରସ୍ତୁତି ଆରମ୍ଭ ହୋଇଛି। ନଦୀ କୂଳିଆ ଓ ଭୂସ୍ଖଳନ ଆଶଙ୍କା ଥିବା ଅଞ୍ଚଳରେ ଲୋକଙ୍କୁ ସ୍ଥାନନ୍ତର କରାଯିବ ପାଇଁ ନିଷ୍ପତି ନିଆଯାଇଛି। ଉପକୂଳବର୍ତ୍ତୀ ସ୍ଥାନୀୟ ବାସିନ୍ଦା ଭୟଭୀତ ରହିବା ସହ ସ୍ଥାନାନ୍ତରିତ ଲୋକଙ୍କୁ ଶୁଖିଲା ଖାଦ୍ୟ ଓ ରନ୍ଧା ଖାଦ୍ୟ ପ୍ରଦାନ ନିମନ୍ତେ ଆଲୋଚନା ହୋଇଛି। ଶୁଖିଲା ଖାଦ୍ୟରେ ଚୂଡ଼ା, ଗୁଡ଼, ବିସ୍କୁଟ, ମହମବତୀ ଓ ଦିଆସିଲି ଥାଇ ଏକ କିଟ୍ ପ୍ରସ୍ତୁତ କରାଯାଇଛି। ଲୋକଙ୍କୁ ଯେପରି କିଛି ଅସୁବିଧା ହେବ ନାହିଁ ସେନେଇ ଗଞ୍ଜାମ ପ୍ରଶାସନ ସମସ୍ତ ବ୍ୟବସ୍ଥା କରିଛି। ସମ୍ଭାବ୍ୟ ବାତ୍ୟା ଓ ପ୍ରାକୃତିକ ବିପର୍ଯ୍ୟୟର ମୁକାବଲା ପାଇଁ ରମ୍ଭା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ବାତ୍ୟା ପ୍ରଭାବିତ ହୋଇପାରୁଥିବା ଅଞ୍ଚଳରୁ ଲୋକମାନଙ୍କୁ ସୁରକ୍ଷିତ ଭାବେ ସ୍ଥାନାନ୍ତର କରାଯାଉଥିବା ବେଳେ ବିଭିନ୍ନ ଆଶ୍ରୟ ସ୍ଥଳୀରେ ବର୍ତ୍ତମାନ ସୁଦ୍ଧା କିଛି ପରିବାରଙ୍କୁ ସ୍ଥାନାନ୍ତରିତ ମଧ୍ୟ କରାଯାଇଥିବା ସୂଚନା ମିଳିଛି। ଲୋକଙ୍କ ସୁରକ୍ଷା ଏବଂ ରିଲିଫ୍ ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିବା ପାଇଁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ହୋଇଛି। ଆଶ୍ରୟସ୍ଥଳୀ ଗୁଡ଼ିକରେ ରହୁଥିବା ଲୋକଙ୍କ ପାଇଁ ଖାଦ୍ୟପେୟ ଓ ଅନ୍ୟାନ୍ୟ ଜରୁରୀ ସାମଗ୍ରୀର କୌଣସି ଅସୁବିଧା ନହୁଏ, ସେଥିପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି।



ବାତ୍ୟା ଆଶଙ୍କା ଟଳିଲା : ପ୍ରବଳ ବର୍ଷା ମୁକାବିଲା ପାଇଁ ଚୂଡାନ୍ତ ପ୍ରସ୍ତୁତି

ନବରଙ୍ଗପୁର, ନ୍ୟୁଜ୍ ବ୍ୟୁରୋ

ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ମିଳିଥିବା ସଦ୍ୟ ସୂଚନା ଅନୁଯାୟୀ ସମ୍ଭାବ୍ୟ ବାତ୍ୟା ଅକଭାନ ଗତି ପରିବର୍ତ୍ତନ କରିଥିବାବେଳେ ପୁରୀ ଓ ମୁରାସପୁର ମଧ୍ୟରେ ସ୍ଥଳଭାଗ ଛୁଇଁବ। ତେବେ ନବରଙ୍ଗପୁର ଜିଲ୍ଲାରେ ବାତ୍ୟା ଆଶଙ୍କା ଟଳିଥିବା ବେଳେ ଆସନ୍ତା ୨୦ ତାରିଖ ବର୍ଷା ନିମନ୍ତେ ୟେଲୋ ଜୋନ୍ ଜାରି କରାଯାଇଛି। ତେବେ ସବୁ ପରିସ୍ଥିତିର ମୁକାବିଲା ନିମନ୍ତେ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ପ୍ରସ୍ତୁତି ସହ ସଜାଗ ରହିଥିବା ଜିଲ୍ଲାପାଳ ମଧୁମିତା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଗତ ବର୍ଷାରେ ନବରଙ୍ଗପୁର ପୌରାଞ୍ଚଳ ସମେତ କୋଷାଗୁମୁଡା ବ୍ଲକରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ବେଳେ ବର୍ତ୍ତମାନ ୩ ଟି ଓଡ୍ରାଫ୍ ଟିମ୍ ମୁତୟନ କରାଯାଇଛି। ୨୪ ଘଣ୍ଟିଆ କଣ୍ଟ୍ରୋଲ୍ ରୁମ୍ ଜିଲ୍ଲା ଓ ବ୍ଲକରେ କାର୍ଯ୍ୟକ୍ଷମ ରହିଛି। କ୍ଷୟକ୍ଷତି ଆଶଙ୍କା ଥିବା ଅଞ୍ଚଳର ୧୦ ପଞ୍ଚାୟତର ୩୨ଟି ଗାଁ ଚିହ୍ନଟ ହୋଇଛି। ଆବଶ୍ୟକ ପଡିଲେ ସ୍ଥାନୀୟ ଅଧିବାସୀଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର ବ୍ୟବସ୍ଥା କରାଯାଇଛି। ଗତ ବାତ୍ୟା ସମୟରେ ୨୧୫୦ ଜଣଙ୍କୁ ସ୍ଥାନାନ୍ତର କରାଯାଇଥିଲା। ପ୍ରଶାସନର ମାଇକ୍ରୋ ଯୋଜନା ବଳବତ୍ତର ରହିବା ସହ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରଭାବିତ ଅଞ୍ଚଳ ଉପରେ ସତର୍କ ନଜର ରଖାଯାଇଛି ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି।



ପ୍ରକଳ୍ପ ସକ୍ଷମ ଜରିଆରେ ମହିଳାଙ୍କୁ ଦକ୍ଷତା ବିକାଶ ଓ ଜୀବିକାର ସୁଯୋଗ ଯୋଗାଉଛି ଉତ୍କଳ ଆଲୁମିନା



ରାୟଗଡ଼ା, ନ୍ୟୁଜ୍ ବ୍ୟୁରୋ

ଉତ୍କଳ ଆଲୁମିନା ଇଣ୍ଟରନ୍ୟାସ୍‌ନାଲ୍ ଲିମିଟେଡ୍ (ୟୁଏଆଇଏଲ୍), ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ୍ ଆଦିତ୍ୟ ବିର୍ଲା ଗ୍ରୁପ୍‌ର ସିଏସ୍‌ଆର୍ ପଦକ୍ଷେପ 'ପ୍ରୋଜେକ୍ଟ ସକ୍ଷମ' ଅଧୀନରେ ଦକ୍ଷତା ବିକାଶ ତାଲିମ୍ ଗ୍ରହଣ କରି ସମିତା ଆଜି ସିଲେଇ କାର୍ଯ୍ୟ ମାଧ୍ୟମରେ ଆର୍ଥିକ ସ୍ୱାବଲମ୍ବୀ ହୋଇପାରିଛନ୍ତି। ଆତ୍ମନିର୍ଭରଶୀଳ ହେବାର ଦୃଢ଼ ଇଚ୍ଛାଶକ୍ତି ଏବଂ ସଠିକ୍ ସୁଯୋଗ ଜଣେ ମହିଳାଙ୍କ ଜୀବନରେ କିପରି ସକାରାତ୍ମକ ପରିବର୍ତ୍ତନ ଆଣିପାରେ, ତାହାର ଏକ ପ୍ରେରଣାଦାୟକ ଉଦାହରଣ ହେଉଛନ୍ତି ସମିତା ନାଏକ। କାଶୀପୁର ବ୍ଲକର କଳିଆକଣା ଗ୍ରାମର ବାସିନ୍ଦା ସମିତା ନାଏକ, ନିଜ ସ୍ୱାମୀ ପ୍ରହଲ୍ଲାଦ ନାଏକଙ୍କ ସହ ଉନ୍ନତ ଜୀବନଯାପନ ଏବଂ ଦୁଇ ସନ୍ତାନଙ୍କ ଉଜ୍ଜ୍ୱଳ ଭବିଷ୍ୟତର ସ୍ୱପ୍ନ ନେଇ ଚିକିରି ଆସିଥିଲେ। ତାଙ୍କ ସ୍ୱାମୀ ଉତ୍କଳ ଆଲୁମିନା ସହ ସଂପୃକ୍ତ ଏକ କମ୍ପାନୀରେ କାର୍ଯ୍ୟ କରନ୍ତି। ତେବେ ଗୋଟିଏ ରୋଜଗାରରେ ଘରଭଡ଼ା, ପରିବାରର ଖର୍ଚ୍ଚ ଏବଂ ପିଲାମାନଙ୍କ ପାଠପଢ଼ା ତୁଲାଇବା କଷ୍ଟକର ହେଉଥିଲା। ପରିବାରର ଆର୍ଥିକ ସ୍ଥିତିରେ ସୁଧାର ଆଣିବା ସହ ନିଜେ ଆତ୍ମନିର୍ଭର ହେବାର ସଂକଳ୍ପ ନେଇ ସମିତା ଘରର ଚାରିକାନ୍ଥୁ ବାହାରକୁ ଆସି ଜୀବିକାର ସୁଯୋଗ ଖୋଜିଥିଲେ। ଏହି ସମୟରେ ଉତ୍କଳ ଆଲୁମିନାର ସିଏସ୍‌ଆର୍ ପଦକ୍ଷେପ ପ୍ରୋଜେକ୍ଟ ସକ୍ଷମ ଅଧୀନରେ ପରିଚାଳିତ 'ସକ୍ଷମ ଗାର୍ମେଣ୍ଟ ୟୁନିଟ୍' ତାଙ୍କ ପାଇଁ ନୂଆ ସୁଯୋଗ ଆଣିଥିଲା। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସମିତା ପ୍ରଥମ ଦୁଇ ମାସ ମୌଳିକ ତାଲିମ ଏବଂ ପରବର୍ତ୍ତୀ ଚାରି ମାସ ସ୍ୱତନ୍ତ୍ର ସିଲେଇ ତାଲିମ ଗ୍ରହଣ କରିଥିଲେ। ନିଜର ନିଷ୍ଠା, ଏକାଗ୍ରତା ଓ କଠିନ ପରିଶ୍ରମ ବଳରେ ସେ ତାଲିମ୍ ସଫଳତାର ସହ ସମାପ୍ତ କରି ସିଲେଇ କାର୍ଯ୍ୟକୁ ନିୟମିତ ଜୀବିକା ଭାବେ ଆପଣାଇଛନ୍ତି। ଆଜି ସେ ସିଲେଇ କାର୍ଯ୍ୟରୁ ମାସିକ ୧୩ ହଜାରରୁ ୧୬ ହଜାର ଟଙ୍କା ଆୟ କରୁଛନ୍ତି। ଗତ ଛଅ ମାସ ଧରି ତାଙ୍କର ଏହି ନିୟମିତ ଆୟ ପରିବାରର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା ସହ ତାଙ୍କୁ ଆତ୍ମବିଶ୍ୱାସ ଓ ଆତ୍ମସମ୍ମାନର ନୂଆ ପରିଚୟ ଦେଇଛି। ସେ ଏବେ ସ୍ୱାମୀଙ୍କ ସହ ପରିବାରର ଆର୍ଥିକ ଦାୟିତ୍ୱ ବହନ କରିବା ସହ ଗୁରୁତ୍ୱପୂର୍ଣ୍ଣ ପାରିବାରିକ ନିଷ୍ପତ୍ତିରେ ସମାନ ଭାଗୀଦାର ହୋଇ ପାରିଛନ୍ତି। ତାଙ୍କର ଏହି ଆର୍ଥିକ ସ୍ୱାବଲମ୍ବନର ସବୁଠାରୁ ବଡ଼ ସଫଳତା ହେଉଛି ନିଜ ଦୁଇ ସନ୍ତାନଙ୍କୁ ଉନ୍ନତମାନର ଶିକ୍ଷା ପ୍ରଦାନ କରିବାର ସ୍ୱପ୍ନକୁ ସାକାର କରିବା। ଏବେ ସେ ନିଜ ପିଲାମାନଙ୍କୁ ରାୟଗଡ଼ା ସ୍ଥିତ ସେଣ୍ଟ ଜାଭିୟର୍ସ ଆବାସିକ ପବ୍ଲିକ୍ ସ୍କୁଲରେ ପଢ଼ାଇବାରେ ସକ୍ଷମ ହୋଇଛନ୍ତି। ସମିତାଙ୍କ ଏହି ଯାତ୍ରା ପ୍ରମାଣ କରୁଛି ଯେ, ଉପଯୁକ୍ତ ଦକ୍ଷତା ବିକାଶ ତାଲିମ୍ ଓ ସୁଯୋଗ ମିଳିଲେ ମହିଳାମାନେ କେବଳ ନିଜ ଜୀବନରେ ନୁହେଁ, ବରଂ ପରିବାର ଓ ସମାଜର ଆର୍ଥିକ ପ୍ରଗତିରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇପାରନ୍ତି। ପ୍ରୋଜେକ୍ଟ ସକ୍ଷମ ଜରିଆରେ ଉତ୍କଳ ଆଲୁମିନା ଏହାର କାର୍ଯ୍ୟକ୍ଷେତ୍ର ପରିସରରେ ମହିଳାମାନଙ୍କ ଦକ୍ଷତା ବିକାଶ, ଜୀବିକା ସୃଷ୍ଟି ଓ ଆର୍ଥିକ ସ୍ୱାବଲମ୍ବନକୁ ପ୍ରୋତ୍ସାହିତ କରି ଏକ ସମାବେଶୀ ଓ ସମୃଦ୍ଧ ସମାଜ ଗଠନ ଦିଗରେ ନିଜର ପ୍ରତିବଦ୍ଧତାକୁ ଆଗେଇ ନେଉଛି। ସମିତାଙ୍କ କାହାଣୀ କେବଳ ସିଲେଇ କାମରୁ ରୋଜଗାର କରିବାର କାହାଣୀ ନୁହେଁ; ଏହା ଜଣେ ମହିଳାଙ୍କ ଆତ୍ମବିଶ୍ୱାସ, ସଂଘର୍ଷ, ସ୍ୱାଭିମାନ ଓ ସ୍ୱପ୍ନ ପୂରଣର ପ୍ରେରଣାଦାୟକ ଗାଥା। ଉତ୍କଳ ଆଲୁମିନା ଏହାର ସିଏସ୍‌ଆର୍ ପକ୍ଷରୁ ପ୍ଲାଣ୍ଟ ଏବଂ ଖଣି ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଲୋକଙ୍କୁ ସ୍ଥାୟୀ ଜୀବିକା ତଥା ଶିକ୍ଷା, ସ୍ୱାସ୍ଥ୍ୟ ଓ ପାରିପାର୍ଶ୍ୱିକ ଉନ୍ନତି ଆଦି ଦିଗରେ ଅବିରତ ପ୍ରୟାସ ଜରିଆରେ ଗ୍ରାମବାସୀଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିବା ନେଇ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛି, ଯାହା କମ୍ପାନୀର ପାରିପାର୍ଶ୍ୱିକ ଅଞ୍ଚଳର ସାମୂହିକ ଉନ୍ନତି ଦିଗରେ ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଛି।

ବାଲିଯାତ୍ରା ପୂର୍ବରୁ କଟକରେ ଏକ୍ସପାୟରୀ ଥଣ୍ଡା ବିକ୍ରି ଅଭିଯୋଗ : ୫୦୦ରୁ ଊର୍ଦ୍ଧ୍ୱ ବୋତଲ ଜବତ

କଟକ, ନ୍ୟୁଜ୍ ବ୍ୟୁରୋ

ବାଲିଯାତ୍ରା ପୂର୍ବରୁ କଟକରେ ଲୋକଙ୍କ ସ୍ୱାସ୍ଥ୍ୟ ସହ ସାଂଘାତିକ ଖେଳ ! ବାରବାଟୀ ଷ୍ଟାଡିୟମ୍ ନିକଟରେ ଏକ୍ସପାୟରୀ ଥଣ୍ଡା ପାନୀୟ ବିକ୍ରି ହେଉଥିବା ଖବରପାଇ ଚଢ଼ଉ କରିଛି କ୍ୟାଣ୍ଟନମେଣ୍ଟ ଥାନା ପୋଲିସ। ଚଢ଼ଉ ସମୟରେ ୫୦୦ରୁ ଊର୍ଦ୍ଧ୍ୱ ଏକ୍ସପାୟରୀ ଥଣ୍ଡା ପାନୀୟ ବୋତଲ ଜବତ କରାଯିବା ସହ ଗୋଟିଏ ଗାଡ଼ି ଓ ତିନି ଜଣଙ୍କୁ ଅଟକ ରଖି ପଚରା-ଉଚରା କରୁଛି ପୋଲିସ। ସୂଚନା ଅନୁଯାୟୀ, ନିର୍ଦ୍ଦିଷ୍ଟ ଏକ କମ୍ପାନୀର କାମ୍ପା ବ୍ରାଣ୍ଡର ଅବଧି ସମାପ୍ତ ହୋଇଥିବା ଥଣ୍ଡା ପାନୀୟ ବିକ୍ରି କରାଯାଉଥିବା ବେଳେ ପୋଲିସ ଏହାକୁ ଜବତ କରିଛି। ପ୍ରଗତି କ୍ଷୀର କମ୍ପାନୀର ଗାଡ଼ିରେ ଏହି ସାମଗ୍ରୀ ଆଣି ଖୋର୍ଦ୍ଧାରୁ କଟକରେ ବିକ୍ରି କରାଯାଉଥିବା ପ୍ରାଥମିକ ସୂଚନା ମିଳିଛି। ମାତ୍ର ୫୦ ଟଙ୍କାରେ ୨ ଲିଟର ବିଶିଷ୍ଟ ଦୁଇଟି ବୋତଲ ବିକ୍ରି କରାଯାଉଥିବା ଜଣାପଡ଼ିଛି। ଆଗକୁ କଟକର ଐତିହାସିକ ବାଲିଯାତ୍ରା ଥିବାରୁ ଏହି ସମୟରେ ବଜାରରେ ଅଧିକ ଭିଡ଼ ଓ ଗ୍ରାହକଙ୍କ ଚାହିଦାର ସୁଯୋଗ ନେଇ ଏଭଳି ଅବଧି ସମାପ୍ତ ସାମଗ୍ରୀ ବିକ୍ରି



କରିବାକୁ ଯୋଜନା ହୋଇଥିଲା କି ନାହିଁ, ସେନେଇ ପୋଲିସ ସନ୍ଦେହ ପ୍ରକାଶ କରି ତଦନ୍ତ ଚଳାଇଛି। ସ୍ୱାସ୍ଥ୍ୟ ପ୍ରତି ବଡ଼ ବିପଦ ଅବଧି ସମାପ୍ତ ହୋଇଥିବା ପାନୀୟ ସାମଗ୍ରୀର ଗୁଣବତ୍ତା ଓ ସୁରକ୍ଷା ନିଶ୍ଚିତ ନଥାଏ। ଏଭଳି ସାମଗ୍ରୀ ସଂରକ୍ଷଣ ପଦ୍ଧତି ଓ ଅବସ୍ଥା ଉପରେ ନିର୍ଭର କରି ନଷ୍ଟ ହୋଇପାରେ। ଏହାକୁ ସେବନ କଲେ ପେଟ ଯନ୍ତ୍ରଣା, ବାନ୍ତି, ଝାଡ଼ା ଓ ଖାଦ୍ୟଜନିତ ସଂକ୍ରମଣ ଭଳି ସମସ୍ୟା ଦେଖାଦେଇପାରେ। ବିଶେଷକରି ଶିଶୁ ଓ ବୟସ୍କଙ୍କ କ୍ଷେତ୍ରରେ ଏଭଳି ସ୍ୱାସ୍ଥ୍ୟ ସମସ୍ୟା ଅଧିକ ଜଟିଳ ହୋଇପାରେ। ତେଣୁ କେବଳ ଶସ୍ତା ଦରର ପ୍ରଲୋଭନରେ ପଡ଼ି ଏଭଳି ସାମଗ୍ରୀ କିଣିବାରୁ ଗ୍ରାହକମାନେ ସତର୍କ ରହିବା ଆବଶ୍ୟକ। ଅନ୍ୟପକ୍ଷରେ, ବାଲିଯାତ୍ରା ସମୟରେ ହଜାର ହଜାର ଲୋକ କଟକକୁ ଆସୁଥିବାରୁ ଖାଦ୍ୟ ଓ ପାନୀୟ ସାମଗ୍ରୀର ଗୁଣବତ୍ତା ଯାଞ୍ଚ ଅତ୍ୟନ୍ତ ଜରୁରୀ। କେବଳ ଗୋଟିଏ ସ୍ଥାନରେ ନୁହେଁ, ସହରର ଅନ୍ୟ ଅଞ୍ଚଳରେ ମଧ୍ୟ ଏଭଳି ଅବଧି ସମାପ୍ତ ସାମଗ୍ରୀ ବିକ୍ରି ହେଉଛି କି ନାହିଁ, ସେନେଇ ପୋଲିସ ତଦନ୍ତ ଆରମ୍ଭ କରିଛି। ବାଲିଯାତ୍ରା ପୂର୍ବରୁ ଏଭଳି ଘଟଣା ସହରର ଖାଦ୍ୟ ସୁରକ୍ଷା ବ୍ୟବସ୍ଥା ଉପରେ ବଡ଼ ପ୍ରଶ୍ନଚିହ୍ନ ଲଗାଇଛି। ଏହି ଘଟଣାରେ ଖାଦ୍ୟ ସୁରକ୍ଷା ବିଭାଗ ମଧ୍ୟ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନେବା ସହ ବାଲିଯାତ୍ରା ପଡ଼ିଆ ଓ ସହରର ବିଭିନ୍ନ ବଜାରରେ ନିୟମିତ ଯାଞ୍ଚ କରିବାକୁ ସାଧାରଣରେ ଦାବି ହେଉଛି।


ପକ୍ଷାନ୍ତରୀୟ

31 YEARS

ସମ୍ବାଦ କଲିକା

୪ ବିଲିୟନ ଡଲାରର ବିବାଦ
ତେଜିଲା-ଏନଭିଡିଆର ଅଡୁଆ ବଢିଲା

ହୁଆଙ୍ଗ ଲମ୍ବା ସମୟ ଧରି ଚୀନକୁ ଚିପ୍ ବିକ୍ରି କରିବା ଲାଗି ଓକିଲାତି କରୁଥିଲେ । ଯଦିଓ ଆମେରିକା ଡ୍ରାଗନକୁ ଉନ୍ନତ ଏଆଇ ଚିପ୍ ରପ୍ତାନି ଉପରେ କଟକଣା ଲଗାଇଥିଲା ମହିଳା ଚୀନ ଗୁପ୍ତଚରଙ୍କ ସହ ସମ୍ପର୍କ ବିବାଦ ମଧ୍ୟରେ ଗତ ସପ୍ତାହରେ ବିଶ୍ୱର ସର୍ବବୃହତ୍ ଏଆଇ ଚିପ୍ ନିର୍ମାତା ଏନ୍ଭିଡିଆର ସିଇଓ ପଦରୁ ଇସ୍ତଫା ଦେଇଛନ୍ତି ସହ-ପ୍ରତିଷ୍ଠାତା ଜେନସେନ୍ ହୁଆଙ୍ଗ । ତାଙ୍କ ଇସ୍ତଫା ପରେ ଗୁପ୍ତଚର, ମିଥ୍ୟା ଏବଂ ଯୌନ ସମ୍ପର୍କ ସମ୍ବନ୍ଧୀୟ ଚାଞ୍ଚଲ୍ୟକର ରିପୋର୍ଟମାନ ଆସୁଛି । ଏସବୁ ମଧ୍ୟରେ ଆମେରିକାର ଦ୍ୱିତୀୟ ବୃହତ୍ ମୂଲ୍ୟବାନ କମ୍ପାନି ପାଇଁ ରହିଥିବା ଅତ୍ୟନ୍ତ ଗମ୍ଭୀର ସମସ୍ୟାଗୁଡ଼ିକ ଢାଙ୍କି ହୋଇଯିବାର ଆଶଙ୍କା ଉପୁଜିଛି । ଜେନସେନ୍ ହୁଆଙ୍ଗ ଚୀନର ଗୁଇନ୍ଦା ଏଜେନ୍ସି ପାଇଁ କାର୍ଯ୍ୟ କରୁଥିବା ଏଲିସ ହୁଆଙ୍ଗଙ୍କ ସହିତ ସମ୍ପର୍କ ବିବାଦ ମଧ୍ୟରେ ଇସ୍ତଫା ଦେଇଛନ୍ତି ସତ । କିନ୍ତୁ ରିପୋର୍ଟ ଅନୁସାରେ, ଏହି ମାମଲା ପଛରେ ଅସଲି ଏବଂ ପ୍ରକୃତ ପ୍ରସଙ୍ଗ ଅଲଗା । ଚୀନକୁ ଶକ୍ତିଶାଳୀ ଏଆଇ ଚିପ୍ ଯୋଗାଣ ପାଇଁ ହୋଇଛି ଷଡ଼ଯନ୍ତ୍ର । ୨୦୨୫ରେ ହୁଆଙ୍ଗ ଏକ କାର୍ଯ୍ୟକ୍ରମରେ କହିଥିଲେ ଯେ, ଚୀନର ଏଆଇ ଚିପ୍ ବଜାର ୫୦ ବିଲିୟନ ଡଲାରରେ ପହଞ୍ଚିବ । ଏଣୁ ଏହାକୁ ଚିପ୍ ବିକ୍ରି କରି ଏନ୍ଭିଡିଆ ହୃଷ୍ଟପୁଷ୍ଟ ଲାଭ ହାତେଇପାରିବ । ଅନ୍ୟପକ୍ଷରେ, ଆମେରିକା ସରକାର ରାଷ୍ଟ୍ରୀୟ ସୁରକ୍ଷାକୁ ଧ୍ୟାନରେ ରଖି ଚୀନକୁ ରପ୍ତାନି ଉପରେ କଡ଼ା ପ୍ରତିବନ୍ଧକ ଲଗାଇଥିଲେ, ଯାହାଦ୍ୱାରା ଏନଭିଡିଆକୁ ୫.୫ ବିଲିୟନ ଡଲାରର କ୍ଷତି ସହିବାକୁ ପଡ଼ିଥିଲା । ଚୀନ ହାତରେ ଯେପରି ଅତ୍ୟାଧୁନିକ ଏଆଇ ଚିପ୍ ନ ଲାଗିବ ସେଥିପ୍ରତି ସଚେତନ ଥିଲା ଆମେରିକା । ବାଇଡେନ୍ ପ୍ରଶାସନ ରପ୍ତାନି ଉପରେ କଟକଣା ଲଗାଇଥିଲେ । ଡ୍ରାଗନ କାଳେ ଏହି ଟେକ୍ନୋଲୋଜିକୁ ବ୍ୟବହାର କରି ଏହାର ସାମରିକ ଏବଂ ଏଆଇ ସିଷ୍ଟମକୁ ମଜଭୁତ କରିବ, ତେଣୁ ଏହି ପ୍ରତିବନ୍ଧକ ଲଗାଯାଇଥିଲା । ଯଦିଓ ଏନଭିଡିଆ ଆମେରିକାର ରପ୍ତାନି ନିୟମର ଅନୁପାଳନ କରି ଅପେକ୍ଷାକୃତ କମ୍ ଶକ୍ତିଶାଳୀ ଚିପ୍ ବିକାଶ କରିଥିଲା, ଯାହାକୁ ଏହା ଚୀନ୍ ବଜାରରେ ବିକ୍ରି କରିପାରିବ ତଥାପି ଟ୍ରମ୍ପ ପ୍ରଶାସନ କଟକଣା ଉଠାଇ ନ ଥିଲେ । ହୁଆଙ୍ଗଙ୍କର ସିଙ୍ଗାପୁରସ୍ଥିତ ଗ୍ରାହକ କମ୍ପାନି ମେଗାସ୍ୱିଡର ପୂର୍ବ ଅଧିକାରୀ ଏଲିସ୍ ହୁଆଙ୍ଗଙ୍କ ସହ ଚୋରା ସମ୍ପର୍କ ଥିଲା । ଏହି ମହିଳାଜଣକ ଚୀନ ଗୁପ୍ତଚର ବୋଲି ଆମେରିକା ସନ୍ଦେହ କରୁଛି । ମେଗାସ୍ୱିଡ ପ୍ରତିବନ୍ଧକର ଉଲ୍ଲଂଘନ କରି ଚୀନକୁ ୪ ବିଲିୟନ ଡଲାରରୁ ଅଧିକ ଶକ୍ତିଶାଳୀ ଆମେରିକୀୟ ସେମିକଣ୍ଡକ୍ଟର ଚିପ୍ ଅବୈଧ ଭାବେ ପଠାଇଥିବା ସନ୍ଦେହ କରାଯାଉଛି । ଏହାର ଯାଞ୍ଚ କରୁଛି ଆମେରିକାର ନ୍ୟାୟ ଏବଂ ବାଣିଜ୍ୟ ବିଭାଗ । ମେଗାସ୍ୱିଡକୁ କଳା ତାଲିକାଭୁକ୍ତ କରିବା ଲାଗି ପୂର୍ବରୁ ଦାବି କରାଯାଇଥିଲା । କିନ୍ତୁ ଏ ନେଇ ବାଣିଜ୍ୟ ବିଭାଗ ମନା କରିବା ପରେ ଟ୍ରମ୍ପ ପ୍ରଶାସନର ସଦସ୍ୟମାନଙ୍କ ମଧ୍ୟରେ ସାର୍ବଜନିକ କଳହ ଦେଖିବାକୁ ମିଳିଛି । ପ୍ରସଙ୍ଗକୁ ନେଇ ଆମେରିକା ଟ୍ରେଜେରୀ ସଚିବ ସ୍କଟ୍ ବେସେଣ୍ଟ ଏବଂ ବାଣିଜ୍ୟ ସଚିବ ହାୱାର୍ଡ ଲୁଟନିକଙ୍କ ମଧ୍ୟରେ ସାର୍ବଜନିକ ମତଭେଦ ସାମ୍ନାକୁ ଆସିଛି । ଲୁଟନିକଙ୍କ ଭୂମିକା ଉପରେ ପ୍ରଶ୍ନ ଉଠିଛି । ତାଙ୍କୁ ବିଦା କରିବା ପାଇଁ ମଧ୍ୟ ଚାଲିଛି ତର୍କ । ତେବେ ଲୁଟନିକ ନିଜ ଆଡୁ ସିନେଟ୍ ବ୍ୟାଙ୍କିଙ୍ଗ କମିଟି ଆଗରେ ନିଜକୁ ପ୍ରମାଣିତ କରିବା ପାଇଁ ରାଜି ହୋଇଛନ୍ତି । ଏହି ସମସ୍ୟା କେବଳ ମେଗାସ୍ୱିଡ ପର୍ଯ୍ୟନ୍ତ ସୀମିତ ନୁହେଁ । ମାର୍ଚ୍ଚରେ କାଲିଫର୍ଣ୍ଣିଆସ୍ଥିତ 'ସୁପର ମାଇକ୍ରୋ କମ୍ପ୍ୟୁଟର'ର ପ୍ରତିଷ୍ଠାତାଙ୍କ ଉପରେ ବି ଚୀନ୍ରେ ୨.୫ ବିଲିୟନ ଡଲାରର ଏନ୍ ?ଭିଡିଆ ଚିପ୍ଯୁକ୍ତ ସର୍ଭର ତସ୍କରୀର ଅଭିଯୋଗ ଆସିଥିଲା । ଏନ୍ଭିଡିଆ ଏଆଇ ଇକୋସିଷ୍ଟମ ପାଇଁ ୫୦୦ ବିଲିୟନ ଡଲାର ଋଣ ଦେବା ପାଇଁ ଏବଂ ଓପନ୍ଏଆଇ ଡାଟା ସେଣ୍ଟର ନିମନ୍ତେ ୧୦୫ ବିଲିୟନ ଡଲାରର ନିବେଶ କରିବାକୁ ପ୍ରତିଶ୍ରୁତି ଦେଇଥିଲା । ହୁଆଙ୍ଗ ଯିବା ପରେ ଏହି ଚୁକ୍ତିଗୁଡ଼ିକ ଉପରେ ଅନିଶ୍ଚିତତାର ବାଦଲ ଘୋଟିଆସିଲାଣି । ବାଜିରେ ଆମେରିକାଚୀନ ବ୍ୟାପାର, ରାଷ୍ଟ୍ରୀୟ ସୁରକ୍ଷା ଏବଂ ବହୁ ବିଲିୟନ ଡଲାରର ଏଆଇ ନିବେଶ । ବିଶ୍ୱ ଏଆଇ ଦୌଡ଼ରେ ଆଗୁଆ ରହିବା ପାଇଁ ରାଷ୍ଟ୍ରଗୁଡ଼ିକର ରଣନୀତି ମଧ୍ୟରେ ସମଗ୍ର ଇକୋସିଷ୍ଟମ ପ୍ରଭାବିତ ହେଉଛି ।



ନିଶାପ
(ନିରପେକ୍ଷ ଶାସନ ପଦ୍ଧତି)
ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

"ଚୋରିକଲା ଲୋକର ଗୋଟିଏ ପାପ ଚୋରି ଗଲା ଲୋକର କୋଟିଏ ପାପ"

ଶ୍ରଦ୍ଧେୟ ଭକ୍ତବୃନ୍ଦ ଗୋଟିଏ ଛୋଟିଆକଥା ମୁଁ ଆଜି ତୁମକୁ କହୁଛି ଧ୍ୟାନ ଦେଇ ଶୁଣ, ଚୋରୀ କରିବା ଗୋଟିଏ ପାପ କିନ୍ତୁ ଯାହାର ଚୋରି ଗଲା ତାହାର କୋଟୀଏ ପାପା ଏହାର ଅର୍ଥ କଣ ? ଏହାର ଅର୍ଥ ହେଉଛି ଚୋର ଚୋରୀ କରି ଚାଲିଗଲା କିନ୍ତୁ ଚୋରି ଗଲା ଲୋକର ସମସ୍ତଙ୍କ ଉପରେ ସନ୍ଦେହ ବଢିଚାଲିଲା । ସେହି ସନ୍ଦେହ ହିଁ ମହାପାପ । ଚୋରିଠାରୁ ଭୟଙ୍କର ମହାପାପ ହୋଇଥାଏ । ଜଣେ ସାଧାରଣ ନିଷ୍ପାପୀ ଉପରେ ସନ୍ଦେହ କରିବା ଅର୍ଥ ଈଶ୍ୱରଙ୍କୁ ସନ୍ଦେହ କରିବା ସହିତ ସମାନ । ଗୁରୁଙ୍କୁ ସନ୍ଦେହ କରିବା ସହିତ ସମାନ । ଏଣୁ ହେ ଭକ୍ତ ହେ ଶିଷ୍ୟ ପ୍ରତ୍ୟେକ ଶବ୍ଦକୁ ପ୍ରଥମେ ସ୍ଥିର ଚିତ୍ତରେ ବିଚାର କର । ଯାହା ହୋଇଯାଇଛି ତା ଉପରେ ନିଜେ ନିଜକୁ ପ୍ରଥମେ ସମୀକ୍ଷା କର । ଅନ୍ୟ ଉପରେ ଦୋଷ ଲଦିବା ପୂର୍ବରୁ ନିଜର ତୃଟିକୁ ପ୍ରଥମେ ଉଦ୍ଧାର କର, ବା ଆବିଷ୍କାର କର ଆଉ ଯଦି ତୁମେ ତୁମର ତୃଟିକୁ ଆବିଷ୍କାର କରିଦେଲ ଦେଖିବ ଚୋର ବହୁତ ବାଟରେ ନାହିଁ ସେ ହିଁ ତୁମରି ପାଖରେ ଅଛି । ତେଣୁ ଖୋଜିବା ପୂର୍ବରୁ ବୁଝିବା ଶିଖ, କାହାର ସନ୍ଦହର ପାତ୍ର ହୁଅନାହିଁ କି କାହାକୁ ସନ୍ଦହ ଦୃଷ୍ଟିରେ ଦେଖନାହିଁ । କାରଣ ତୁମକୁ ଆହୁରି କଷ୍ଟ ଭୋଗିବାକୁ ପଡିବ । ତେଣୁ ସାବଧାନ, ନଚେତ୍ ଠକିଯିବଟି । ହରି ଓଁ ।

ମହାଶୟ

ଆପଣଙ୍କ ମତାମତ

ମୁଁ ଆପଣଙ୍କ ସମ୍ବାଦ ପତ୍ର ମାଧ୍ୟମରେ ଜଣାଇବାକୁ ଚାହେଁ କି ଆମ ଗଣତନ୍ତ୍ରର ପବିତ୍ର ମନ୍ଦିର, ଆମ ବିଧାନ ସଭାର ଅଧିବେଶନ ଆଜିଠୁ ଆରମ୍ଭ ହେବ। ଆମ ପ୍ରଶାସନର ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା ସହ ବିଭିନ୍ନ ସକାରାତ୍ମକ ପ୍ରସ୍ତାବ ମାନ ଆମ ସମ୍ମାନନୀୟ ସଦସ୍ୟ ମାନେ ପ୍ରଦାନ କରିବେ। ସାଧାରଣ ନାଗରିକଟି ନିଜେ ଭୋଟ ଦେଇ ନିର୍ବାଚିତ କରିଥିବା ବ୍ୟବସ୍ଥା ଓ ନିର୍ବାଚିତ ପ୍ରତିନିଧିଙ୍କୁ ନେଇ ନିଜେ ଗର୍ବ କରିବ।

କିନ୍ତୁ ସମସ୍ତ ମାନ୍ୟବର ସଦସ୍ୟଙ୍କୁ ଗୋଟିଏ ଅନୁରୋଧ :-ବିଧାନସଭାରେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନକରି, ଟିକସ ଦାତାଙ୍କ ପଇସା ବର୍ବାଦ ନକରି, ଗଣତନ୍ତ୍ରର ଗରିମାକୁ ଆହୁରି ଉଜ୍ଜ୍ୱଳ କରି, ଆମର ସମସ୍ତ ସମସ୍ୟାର ସମାଧାନର ସୂତ୍ର ବାହାର କରି, ସରକାରଙ୍କୁ ଦିଗଦର୍ଶନ ଦେଇ ସୁରୁଖୁରୁରେ ନିଜ କର୍ତ୍ତବ୍ୟ ସମ୍ପାଦନ କରନ୍ତୁ, ଯେଉଁଥିପାଇଁ ଆପଣ ମାନେ ବଜ୍ର ଶପଥ ନେଇଛନ୍ତି ।

ପ୍ରମୋଦଚନ୍ଦ୍ର ପଟ୍ଟନାୟକ
ଅବସରପ୍ରାପ୍ତ ଆଇଏଏସ୍
ନିଳାଦ୍ରି ବିହାର, ଭୁବନେଶ୍ୱର



ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

ପାଦ୍ରୀଙ୍କ ପ୍ରଚାର

ପାଦ୍ରୀ କହିଲେ ଖ୍ରୀଷ୍ଟଧର୍ମ ପ୍ରଚାରକମାନଙ୍କର ମୁଖ୍ୟମାନଙ୍କୁ ବୁଝାଯାଇଥାଏ । ପ୍ରଥମେ ପର୍ତ୍ତୁଗୀଜମାନଙ୍କ ଦ୍ୱାରା ଭାରତର ତତ୍କାଳୀନ କେରଳ ଓ ମାଦ୍ରାଜ ରାଜ୍ୟରେ ଏହି ଧର୍ମ ପ୍ରଚାର ହୋଇଥିବାର ଇତିହାସରୁ ଜଣାପଡ଼େ । ଓଡ଼ିଶାରେ ମୁଖ୍ୟତଃ ଖ୍ରୀ.ଅ. ୧୮୬୬ ଘଟିଯାଇଥିବା ନଅଙ୍କ ଦୁର୍ଭିକ୍ଷ ପରେ ଏହି ଧର୍ମର ପ୍ରଚାର ଆଗେଇଥିଲା ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ଏହାର କାରଣ ମଧ୍ୟ ସ୍ପଷ୍ଟ ଥିଲା । ଦୁର୍ଭିକ୍ଷରେ ବହୁ ଲୋକ ମରିଗଲେ । ଜାତି, ଧର୍ମ ନିର୍ବିଶେଷରେ ଖାଇବାକୁ ପାଉନଥିବା ବହୁ ନରନାରୀଙ୍କୁ ସାହାଯ୍ୟ କରିବା ପାଇଁ ନିଜ ରାଜ୍ୟରେ କେହି ହେଲେ ଆଗେଇଆସିଲେ ନାହିଁ । ସେତିକିବେଳେ ଖ୍ରୀଷ୍ଟଧର୍ମର ବହୁ ଅନୁଷ୍ଠାନ ଆଗେଇ ଆସି ପ୍ରଥମେ ପିତୃମାତୃହୀନ ପିଲାମାନଙ୍କୁ ନିଜ ପରିଚାଳିତ ଆଶ୍ରମମାନଙ୍କରେ ରଖି ସେମାନଙ୍କର ଖାଇବା ସହ ଶିକ୍ଷାଦାନର ବ୍ୟବସ୍ଥା କରିଥିଲେ । ଖାଇବାକୁ ନପାଇ ପଡ଼ି ରହିଥିବା ବହୁ ମୁମୂର୍ଷୁଙ୍କୁ ନେଇ ନିଜ ହେପାଜତରେ ରଖିଲେ । ସେମାନେ ସୁସ୍ଥ ଓ ବଡ଼ ହେଲାପରେ ଆଶ୍ରୟଦାତାଙ୍କ ଅନୁସୃତ ଧର୍ମରେ ଦୀକ୍ଷିତ ହେବା ସ୍ୱାଭାବିକ ଥିଲା । ଦ୍ୱିତୀୟତଃ ଇଂରେଜ ଶାସନ କାଳରେ ଖ୍ରୀଷ୍ଟଧର୍ମକୁ ଆପଣେଇ ନେବାଦ୍ୱାରା ସମ୍ପୃକ୍ତ ବ୍ୟକ୍ତିଙ୍କୁ ରାଜକୀୟ ସହାନୁଭୁତି ଓ ମର୍ଯ୍ୟାଦା ମଧ୍ୟ ମିଳୁଥିଲା । ତୃତୀୟତଃ ଧନ ପ୍ରଲୋଭିତ ହୋଇ ବହୁଲୋକ ମଧ୍ୟ ଖ୍ରୀଷ୍ଟଧର୍ମ ପ୍ରତି ଆନୁଗତ୍ୟ ପ୍ରକାଶ କରୁଥିଲେ । ବିଶେଷତଃ ଅପାଠୁଆ ଓ ଦରିଦ୍ର ଲୋକମାନଙ୍କ ମଧ୍ୟରେ ଏହା ବିଶେଷ ଦେଖାଯାଉଥିଲା । ଏମାନଙ୍କୁ ବିଭିନ୍ନ ଚମତ୍କାର କଥା କହି ଧର୍ମର ମହତ୍ତ୍ୱ ସେମାନଙ୍କ ଆଗରେ କୁହାଯାଉଥିଲା । ଅର୍ଥାତ୍ ସେତେବେଳେ ଯଦି କେହି ରୋଗରେ ପଡୁଥିଲା ତାକୁ ଔଷଧ ଦେଇ ଭଲ କରିବା ପରେ ପ୍ରଭୁ ଯୀଶୁଙ୍କ ଆଶୀର୍ବାଦରେ ତାହା ହୋଇପାରିଲା ବୋଲି କୁହାଯାଉଥିଲା । ଚତୁର୍ଥରେ ଅଧିକ ଚିକିତ୍ସା ବା ପାଠ ପଢ଼ିବାକୁ ଆଗ୍ରହ ଥିବା ଲୋକମାନଙ୍କୁ ସେପରି ସୁବିଧା ଯୋଗାଇ ଦିଆଯାଇ ନିଜ ଧର୍ମରେ ଦୀକ୍ଷିତ କରି ଦିଆଯାଉଥିଲା । ଏପରିକି ଗତ କେତେବର୍ଷ ତଳେ କର୍କଟ ରୋଗାକ୍ରାନ୍ତ ବାସନ୍ତୀ ବେରା ନାମରେ ଜଣେ ବଙ୍ଗୀୟ ମହିଳା ମଦର ଟେରେସାଙ୍କ ସ୍ୱପ୍ନ ସ୍ୱର୍ଗରେ ରୋଗରୁ ଭଲ ହୋଇଗଲେ ବୋଲି ଭାଟିକାନ ସିଟିରେ ମହାମାନ୍ୟ ପୋପଙ୍କ ସମ୍ମୁଖରେ କହି ବିଶ୍ୱବାସୀଙ୍କୁ ଚମତ୍କୃତ କରିଦେଇଥିଲେ । ବର୍ତ୍ତମାନର ବିଜ୍ଞାନ ଜଗତରେ ଏହା ଅସମ୍ଭବ ବୋଲି କୌଣସି ସମାଲୋଚନାକୁ ତାଙ୍କର ଭ୍ରୁକ୍ଷେପ ନଥିଲା ।

ତେବେ ଏପରି ଖ୍ରୀଷ୍ଟଧର୍ମ ପ୍ରଚାରର ମହତ ଉଦ୍ଦେଶ୍ୟ କ'ଣ ? ପ୍ରଭୁ ଯୀଶୁଙ୍କ ଜୀବନରେ କେତୋଟି ଚମତ୍କାରିତାର ବର୍ଣ୍ଣନା ରହିଛି । ତେବେ ସେ ମାନବିକତାର ପ୍ରତୀକ ଥିଲେ । ଏହି ମାନବିକତାକୁ ନେଇ ସମାଜରେ ସହାବସ୍ଥାନ କରିବା ହିଁ ମାନବ ଧର୍ମ । ଅସହାୟକୁ ସହାୟତା, ବୁଭୁକ୍ଷୁକୁ ଖାଦ୍ୟ ଓ ରୋଗୀକୁ ସେବା ଦେବାରେ ହିଁ ମାନବିକତାର ପରିପ୍ରକାଶ ହୋଇଥାଏ । ପ୍ରତ୍ୟେକ ଧର୍ମର ମହାପୁରୁଷମାନଙ୍କର ଏପରି ବାଣୀ ସର୍ବଦା ସମାଜକୁ ଦିଗ୍‌ଦର୍ଶନ ଦେଇଆସିଛି । ମାତ୍ର ଏପରି ପ୍ରଚାର କରି ନିଜ ଧର୍ମରେ ଦୀକ୍ଷିତ କରାଇବା ପାଇଁ ଯୀଶୁ କେବେ କେଉଁଠାରେ କହିଥିବା ଦେଖାଯାଏ ନାହିଁ । ଏହି ଧର୍ମାନ୍ତର ପ୍ରଚାର ପାଇଁ ବହୁଲୋକ ନିଯୁକ୍ତ ଅଛନ୍ତି ଓ ପ୍ରୋତ୍ସାହନ ଦେବା ନିମନ୍ତେ ବହୁ ଟଙ୍କା ବି ବିଦେଶୀ ସଂସ୍ଥାମାନଙ୍କରୁ ଆସୁଛି । ଏପରି ଧର୍ମାନ୍ତରିତ ହୋଇଯିବା ପରେ ସ୍ୱର୍ଗ ରାଜ୍ୟ କ'ଣ ସ୍ଥାପିତ ହୋଇଯିବ ବା ଯେଉଁମାନେ ସମ୍ପୃକ୍ତ ଧର୍ମକୁ ଆଦରି ନେଲେ ସେମାନେ ସିଧା ସ୍ୱର୍ଗକୁ ଯାଇପାରିବେ ? ଯେଉଁମାନେ ଏହି ଧର୍ମ ପ୍ରଚାର କରୁଛନ୍ତି ସେମାନଙ୍କର ପ୍ରକୃତ ଉଦ୍ଦେଶ୍ୟ କ'ଣ ?

ବିଶେଷତଃ ଆଦିବାସୀ ଓ ଅନୁନ୍ନତ ଅଞ୍ଚଳରେ ବ୍ୟାପକ ଭାବେ ଧର୍ମାନ୍ତରିତ କାର୍ଯ୍ୟ ଚାଲିଛି । ସେଠାରେ ଥିବା ସରକାରୀ ବିଭାଗମାନେ ଅନୁନ୍ନତ ଅଞ୍ଚଳର କାର୍ଯ୍ୟ ଆଦୌ କରୁନଥିବାରୁ ସେମାନେ ଯେଉଁ ତିମିରରେ ଥିଲେ ଏବେ ବି ସେପରି ଅଛନ୍ତି । ସେଠାରେ ବିଦ୍ୟାଳୟ ଥିଲେ ଶିକ୍ଷକ ନାହାନ୍ତି । ଶିକ୍ଷକ ନିଯୁକ୍ତି ଦିଆଗଲେ ବି ବିଦ୍ୟାଳୟ ଗୃହରେ ତାଲା ପଡୁଛି । ଚିକିତ୍ସା ସୁବିଧା କଥା ଆଦୌ ନକହିବା ଭଲ । ଉନ୍ନୟନ ନିମନ୍ତେ ଯେଉଁ ବ୍ୟାପକ ଅର୍ଥ ସରକାରୀ ତହବିଲ୍‌ରୁ ଦିଆଯାଏ ତାହା ଖର୍ଚ୍ଚ ହୋଇଥିବା ହିସାବରୁ ଜଣାପଡ଼େ । ମାତ୍ର ଉନ୍ନୟନ ନାହିଁ । ଏହିସବୁର ସୁଯୋଗ ନେଇ ଖ୍ରୀଷ୍ଟଧର୍ମ ପ୍ରଚାରକମାନେ ସେହି ସବୁ ଅଞ୍ଚଳରେ ବିଦ୍ୟାଳୟ ଓ ଚିକିତ୍ସାଳୟମାନ ଖୋଲି ସେବା ସହ ଧର୍ମାନ୍ତରୀଣ କାର୍ଯ୍ୟ କରିଥାନ୍ତି । ଏହାଦ୍ୱାରା ଦେଶର ଭବିଷ୍ୟତ କ'ଣ ହେବ ସେଥିପ୍ରତି ସେମାନଙ୍କର ଭ୍ରୁକ୍ଷେପ ନଥାଏ । ଉଭୟେ ଧର୍ମପ୍ରଚାରକ ଓ ଧର୍ମାନ୍ତରିତ ଅତୀତରେ ଗୋଟିଏ ସଂସ୍କୃତିର ଲୋକ ଥିଲେ । ଧର୍ମାନ୍ତରିତ ହେବାପରେ ନିଜ ପୁରାତନ ଐତିହ୍ୟ ଓ ସଂସ୍କୃତିକୁ ସେମାନେ ବଳି ଦେଇଦିଅନ୍ତି । ପୁଣି ଆଦିବାସୀମାନେ ହିନ୍ଦୁଧର୍ମର ନୁହନ୍ତି ବୋଲି ସେମାନଙ୍କଠାରୁ ଶୁଣିବାକୁ ମିଳେ । ଯଦି ଏପରି କେହି କହୁଛନ୍ତି ସେ ଆଦିବାସୀଙ୍କ ସଂସ୍କୃତିର ଇତିହାସ ଆଦୌ ଜାଣନ୍ତି ନାହିଁ । ସେମାନେ ମୁଖ୍ୟତଃ ଭୂମି ଓ ବୃକ୍ଷ ପୂଜା କରିଥାନ୍ତି । ପ୍ରକୃତି କୋଳରେ ବଢ଼ି ସେହି ପ୍ରକୃତିର ପୂଜା କରିବା ପ୍ରତ୍ୟେକର ଧ୍ୟେୟ ହେଲେ ଅସୁବିଧା କେଉଁଠି ? ସେପରି ପୂଜା ସହିତ ନିଜ ପୂର୍ବପୁରୁଷ ଓ ବସତିର ଇତିହାସ ନିବିଡ଼ ଭାବେ ଜଡ଼ିତ । ଯେଉଁମାନେ ଏପରି ଧର୍ମ ପ୍ରଚାର କାର୍ଯ୍ୟରେ ନିଯୁକ୍ତ ସେମାନେ ସେମାନଙ୍କର ଇତିହାସ ଜାଣିଛନ୍ତି ତ ? ସେହି ପୂର୍ବ ଧର୍ମ ବା ସଂସ୍କୃତିର ତତ୍ତ୍ୱ କ'ଣ ତାହା ବି ଜାଣିବାକୁ ସେମାନେ ସାମାନ୍ୟ ଚେଷ୍ଟା କରିନାହାନ୍ତି । ନିଜ ଜନ୍ମମାଟିର ପ୍ରବାହିତ ସାଂସ୍କୃତିକ ଧାରାର ତତ୍ତ୍ୱ ସମ୍ପର୍କରେ ଅଳ୍ପ ବ୍ୟକ୍ତି ସୁଦୂର ଜେରୁଜେଲମ୍‌ରୁ ପ୍ରବାହିତ ଧର୍ମ ଓ ସଂସ୍କୃତି ପ୍ରତି କାହିଁକି ଓ କିଭଳି ଭାବରେ ପ୍ରଭାବିତ ତାହା ସେହିମାନଙ୍କୁ ହିଁ ଜଣା । ବର୍ତ୍ତମାନ ଯେଉଁଭଳି ଖ୍ରୀଷ୍ଟଧର୍ମ ପ୍ରଚାରର ବ୍ୟାପକତା ଦେଖାଦେଲାଣି ଇଂରେଜ ଶାସନରେ ତାହା ଆଦୌ ନଥିଲା । ଏହାର ବିଷମୟ ଫଳ ମଧ୍ୟ ଏବେ ଦେଖାଦେଲାଣି । ସମାଜରେ ଅସ୍ଥିରତା ସୃଷ୍ଟି ହୋଇଛି । ବହୁ ଆଡ଼େ ବିଦ୍ରୋହର ପଦଧ୍ୱନି ମଧ୍ୟ ଶୁଭିଲାଣି । ଧର୍ମ ନିରପେକ୍ଷତାର ଅର୍ଥ କ'ଣ ଏହିପରି ? ଗଣତନ୍ତ୍ର ଶାସନରେ ଧର୍ମ ନିରପେକ୍ଷତାର ଅର୍ଥ ସମାଜରେ ସହାବସ୍ଥାନ । ମାତ୍ର ଗଣତନ୍ତ୍ରରେ ନିର୍ବାଚିତ ଶାସକମାନଙ୍କର କେବଳ ଏପରି ଧ୍ୱନି ହିଁ ସାର ହେଉଛି । ଆଇନ ଅଛି ହୁଏତ ତାହା କାର୍ଯ୍ୟକାରୀ ହେଉନାହିଁ । ସେଥିପାଇଁ ଦାୟୀ କିଏ ? ଏହାର ଉତ୍ତର ହିଁ ଆମର ଉତ୍ତରପୁରୁଷମାନଙ୍କୁ ଦେବାକୁ ପଡ଼ିବ । ଅତୀତର ଇତିହାସକୁ ସିଂହାବଲୋକନ କଲେ ଦେଖାଯାଏ ବର୍ତ୍ତମାନର ନାଗାଲାଣ୍ଡ ସେତେବେଳର ନାଗଲୋକ ଅନ୍ତର୍ଭୁକ୍ତ ଥିଲା । ମହାଭାରତର ତୃତୀୟ ପାଣ୍ଡବ ତଥା ମହାବଳଶାଳୀ ଅର୍ଜୁନ ନାଗକନ୍ୟା ଉଲୁପିଙ୍କୁ ବିବାହ କରି ଅଖଣ୍ଡ ଭାରତକୁ ସାକାର କରିଥିଲେ । ଭାରତୀୟ ସଂସ୍କୃତିର ଧର୍ମଧାରା ସେଠାରେ ପ୍ରତିଫଳିତ ହୋଇଆସୁଥିଲା । ମାତ୍ର ଇଂରେଜମାନଙ୍କ ଶାସନ କାଳରେ ସେଠାରେ ଖ୍ରୀଷ୍ଟଧର୍ମର ପ୍ରଚାର ହେଲା । ଯାହାଫଳରେ ସେଠାର ଶେଷ ହିନ୍ଦୁରାଣୀ ଗୁଇନ୍ଦାଲ ବିତାଡ଼ିତ ହୋଇ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଆଶ୍ରୟରେ ନୂଆଦିଲ୍ଲୀରେ ରହି ପେନ୍‌ସନ୍ ନେଲେ । ସେହି ଖ୍ରୀଷ୍ଟଧର୍ମରେ ଧର୍ମାନ୍ତରିତ ନାଗାମାନେ ଭାରତରେ ସେମାନଙ୍କ ଅସ୍ତିତ୍ୱକୁ ସ୍ୱୀକାର କରୁନାହାନ୍ତି । ସେଠାରେ ଅଘୋଷିତ ଯୁଦ୍ଧ ଏବେ ବି ଚାଲିଛି । ଯୁଦ୍ଧ ବିରତିର ଚୁକ୍ତି ମଧ୍ୟ ସ୍ୱାକ୍ଷରିତ ହେବାରେ ଲାଗିଛି । ସେହିପରି ମଣିପୁରରେ ମହାଭାରତର ଅର୍ଜୁନଙ୍କ ସହିତ ରାଜଲଳନା ଚିତ୍ରାଙ୍ଗଦାଙ୍କର ବିବାହ ଓ ବବ୍ରୁବାହନଙ୍କ ଜନ୍ମ ଇତ୍ୟାଦିର ବର୍ଣ୍ଣନା ପ୍ରତ୍ୟେକ ଭାରତୀୟଙ୍କ ଅତୀତ ସଂସ୍କୃତିକୁ ହେଜାଇ ଦେଇଥାଏ । ମାତ୍ର ସେଠାରେ ଖ୍ରୀଷ୍ଟଧର୍ମର ପ୍ରଚାର ଚାଲିଛି । ଲୋକସଂଖ୍ୟାର ଅର୍ଦ୍ଧାଧିକ ସେହି ଧର୍ମରେ ଦୀକ୍ଷିତ ହୋଇଗଲେଣି । ଭାରତୀୟ ସଂସ୍କୃତି ସେଠାରେ ଆଜି ବିପନ୍ନ । ଏହିପରି ବହୁ ଦୃଷ୍ଟାନ୍ତ ରହିଛି । ତଥାକଥିତ ଗଣତନ୍ତ୍ରର ଶାସକମାନେ ଏବେ ବି ଧର୍ମ ନିରପେକ୍ଷତାର ସ୍ଲୋଗାନ ଦେଇ ଚାଲିଛନ୍ତି । ସେମାନଙ୍କର କୁମ୍ଭକର୍ଣ୍ଣ ନିଦ୍ରା ଭାଙ୍ଗୁନାହିଁ । ଯେତେବେଳେ ଭାଙ୍ଗିବ ସେତେବେଳକୁ ଶ୍ରୀଜଗନ୍ନାଥଙ୍କ ଦେଶରେ ଶ୍ରୀଜଗନ୍ନାଥଙ୍କ ବିଗ୍ରହ ବି ନଥିବ । କେବଳ ମହାସିନ୍ଧ





ନିତ୍ୟାନନ୍ଦ ପଣ୍ଡା

ପିଲାଙ୍କ ମହାଭାରତ-୧୦୯

ରୁକ୍ମିଣୀ ବିବାହ-୩



ଜର ସୈନ୍ୟ ସାମନ୍ତ ନେଇ ରୁକ୍ମ ପହଞ୍ଚିଲେ କୁରୁ କ୍ଷେତ୍ରରେ ।

କୃଷ୍ଣ ଓ ଅର୍ଜୁନ ବସିଥିଲେ । ରୁକ୍ମ ଅର୍ଜୁନଙ୍କୁ ଲକ୍ଷ୍ୟକରି କହିଲେ - କୌରବମାନଙ୍କର ସେନାବାହିନୀ ବିଶାଳ । ମୁଁ ଆସିଛି ପାଣ୍ଡବମାନଙ୍କୁ ସାହାଯ୍ୟ କରିବି । ଭୀଷ୍ମ ଦ୍ରୋଣ ଓ କୃପଙ୍କୁ ଆକ୍ରମଣ କରିବାର ଶକ୍ତି ମୋର ରହିଛି । କେଉଁପଟୁ ମୁଁ ଆକ୍ରମଣ କରିବି ତୁମର ଇଚ୍ଛା କୁହ ।

ଅର୍ଜୁନ କୃଷ୍ଣଙ୍କ ଆଡେ ଚାହିଁ ହସିଲେ । କହିଲେ, "ହେ ବୀର ! ଶତ୍ରୁପକ୍ଷର ସେନା ଯେତେ ବିଶାଳ ହେଉ ଆମେ ଭୟ କରୁନାହୁଁ । ଆଉ କାହାର ସାହାଯ୍ୟ ଆମର ଦରକାର ନାହିଁ । ତୁମେ ଫେରିଯିବ କି ରହିବ, ତୁମ ଇଚ୍ଛା ।

ଲଜ୍ଜାରେ ଲାଲ ପଡ଼ିଲା ରୁକ୍ମଙ୍କର ମୁହଁ । ମନରେ କ୍ରୋଧ । ସେ ଫେରିଗଲେ । ପହଞ୍ଚିଲେ ଦୁର୍ଯ୍ୟୋଧନ ପାଖରେ ।

"ପାଣ୍ଡବମାନେ ମୋର ସାହାଯ୍ୟକୁ ନାସ୍ତି କରିଦେଲେ ।" - ସେ କହିଲେ ଦୁର୍ଯ୍ୟୋଧନଙ୍କୁ "ମୋର ସେନା ଏବେ ତୁମ ମାର୍ଫତରେ ରହିଲା । ତୁମେ ଯେଉଁଭଳି ବ୍ୟବହାର କରିପାରିବ ।"

"ଓଃ ! ପାଣ୍ଡବମାନେ ନାସ୍ତି କରିଦେବାପରେ ତୁମେ ମୋ ପାଖକୁ ଆସିଛ ? ନା, ପାଣ୍ଡବମାନେ ଯାହା ତ୍ୟାଗ କରିଛନ୍ତି, ମୁଁ ତାହା ଗ୍ରହଣ କରିପାରିବି ନାହିଁ ।" - ରୋକ୍‌ଠୋକ୍ ଶୁଣେଇଲେ ଦୁର୍ଯ୍ୟୋଧନ ।

ଉଭୟ ପଟରୁ ପ୍ରତ୍ୟାଖ୍ୟାତ ହୋଇ ରୁକ୍ମ ଫେରିଗଲେ । କୌଣସି ପକ୍ଷ ନନେଇ ନିଜ ରାଜ୍ୟରେ ବସିରହିଲେ । କୌଣସି ଯୁଦ୍ଧରେ ନିରପେକ୍ଷତାର କାରଣ ଅନେକ । ଏକରେ, ଶାନ୍ତିପ୍ରିୟମାନେ ନିରପେକ୍ଷତା ଅବଲମ୍ବନ କରନ୍ତି । ଦୁଇରେ, ନିଜର ସ୍ୱାର୍ଥ ପାଇଁ କେହି କେହି ନିରପେକ୍ଷ ରହନ୍ତି । ତିନିରେ, ଯୁଦ୍ଧକୁ ଭୟ କରୁଥିବା ମଣିଷ ନିରପେକ୍ଷ ରହେ ।

ବଳରାମ ଶାନ୍ତିପ୍ରିୟ ହୋଇଥିବାରୁ କୁରୁକ୍ଷେତ୍ର ଯୁଦ୍ଧରେ ନିରପେକ୍ଷ ରହିଥିଲେ । ମାତ୍ର ରୁକ୍ମ ବ୍ୟକ୍ତିଗତ ସ୍ୱାର୍ଥୀ ତଥା ଛଳନା ପ୍ରିୟ ହୋଇଥିବାରୁ ନିରପେକ୍ଷ ରହିବାର ଛଳନା କରିଥିଲେ ।

ଆସ ମନେରଖିବା : ଶ୍ରୀକୃଷ୍ଣ ତାଙ୍କର ବାଲ୍ୟକାଳ ଗୋପରେ ବିତେଇଥିଲେ । ତା'ପରେ ଚଲିଗଲେ ମଥୁରା । ମଥୁରାରେ ତାଙ୍କର ବ୍ରତଘର ବିଦ୍ୟା ଅଧ୍ୟୟନ ହୋଇଥିଲା । ଜରାସନ୍ଧ କାରଣରୁ ସେ ମଥୁରା ଛାଡ଼ିଲେ ଓ ଚଲିଗଲେ ଦ୍ୱାରକା । ଦ୍ୱାରକାରେ ତାଙ୍କର ବିବାହ । ତାଙ୍କର ମୋଟ ପତ୍ନୀଙ୍କ ସଂଖ୍ୟା ୧୬୧୦୮ । ସେମାନଙ୍କ ମଧ୍ୟରୁ ଆଠଜଣଙ୍କୁ ଶ୍ରେଷ୍ଠ ବା ଅଷ୍ଟପାଟବଂଶୀ କୁହାଯାଏ । ସେମାନେ ହେଲେ ରୁକ୍ମିଣୀ, ସତ୍ୟଭାମା, ଜାମ୍ବବତୀ, କାଳିନ୍ଦୀ, ମିତ୍ରବିନ୍ଦା, ନଗ୍ନଜିତି, ଭଦ୍ରା ଓ ଲକ୍ଷ୍ମଣା । ରୁକ୍ମିଣୀ ହେଉଛନ୍ତି, ଲକ୍ଷ୍ମୀଙ୍କ ଅବତାର । **(କ୍ରମଶଃ ...)**

ନରଣପୁର, କୋଦଣ୍ଡପୁର
ଯାଜପୁର ଟାଉନ୍- ୭
ମୋ- ୮୨୪୯୬୯୩୩୦୮

ଆସୁଛିରେ ଭାଇ କାର୍ତ୍ତିକ ପୂର୍ଣ୍ଣମୀ

ସୁରମା ମିଶ୍ର

ଆସୁଛିରେ ଭାଇ କାର୍ତ୍ତିକ ପୂର୍ଣ୍ଣମୀ
ଡଙ୍ଗା ଭସାଇବି ଯାଇ
ଆମ ପରମ୍ପରା ଆମ ଅସ୍ମିତାକୁ
କେବେ ଭୁଲିଯିବି ନାହିଁ ॥



ଲୋଡ଼ା ନାହିଁ ମାଆ ଚକମକ ଡଙ୍ଗା
ଲୋଡ଼ା ନାହିଁ ଲୋଡ଼ା ନାହିଁ
ବାଡ଼ିରୁ କଦଳୀ ପଟୁକା ଆଣି ତୁ
ଡଙ୍ଗା କରିବୁ ମୋ ପାଇଁ ॥

ମଣ୍ଡାଫୁଲ ତୋଳି ଆଣିବୁଲୋ ମାଆ
ଖଡ଼ିକାରେ ଗୁନ୍ଥି ଦେଇ
ଡଙ୍ଗାଟା ମୋହର ସଜାଇ ଦେବୁଲୋ
ଖୁସି ହୋଇ ଯିବି ମୁହିଁ ॥

ଡଙ୍ଗାରେ ବାନ୍ଧିବୁ ରଙ୍ଗିନ ପତାକା
ଫର ଫର ଉଡୁଥିବ
ଯିଏ ଦେଖିବ ତା ଆଖି ଲାଖି ଯିବ
ଏକା ଲୟେ ଚାହିଁ ଥିବ ॥

ଦେବୁ ପାନ ଗୁଆ ମସଲା ମସଲି
ଆଉ କିଛି ଶସ୍ୟ ଦାନା
ଦୀପ ଟିଏ ଜାଳି ଭସାଇ ଦେବି ଲୋ
ପୂରିବ ମନୋକାମନା ॥

ଆକା ମା ବୈ ଗୁଆ ପାନ ଥୋଇ
ପାନ ଗୁଆ ତକ ତୋର
ମାସକ ଯାକର ଯେତେ ଧର୍ମ କର୍ମ
ସେଇ ସବୁ ତକ ମୋର ॥

ମୋ ରାଇଜ କଳା ସଂସ୍କୃତିକୁ ମୁହିଁ
ଭୁଲିବି ନାହିଁ ଲୋ ନାହିଁ
ଜୀବ ଥିବା ଯାଏ ମୋ ରାଇଜ ମାନ
ରଖିବି ଲୋ ମାଆ ମୁହିଁ ॥

ବି ଏଲ୍ ୩୯, ଭି ଏସ ଏସ ନଗର, ଭୁବନେଶ୍ୱର
ମୋ-୯୮୫୩୩୪୩୯୬୫

କହିଲ ଦେଖି

ପ୍ରଶାନ୍ତ କୁମାର ନାଥ

ରାତିର ଅନ୍ଧାରେ ଆଲୋକ ଦେଇ
ଉଚ୍ଚ ବାଉଁଶରେ ଝୁଲାଇ ମୁହିଁ
କାର୍ତ୍ତିକ ପୂର୍ଣ୍ଣିମାରେ ଜଳାଇ ମୁହିଁ
ପବିତ୍ର କାମନା ମନେ ଭରଇ
ହାଣ୍ଡିର ଭିତରେ ଆକାଶେ ଝୁଲେ
ନାମଟି ମୋହର କହିଲ ପିଲେ ?

ଚାଉଳ ଚୁନାରେ ମୁଁ ତିଆରି ହୁଏ
ରଙ୍ଗ ବେରଙ୍ଗରେ ଝଲସୁଥାଏ
କାର୍ତ୍ତିକ ମାସରେ ଚଉଁରା ମୂଳେ
ସଜେଇ ହୁଏ ମୁଁ କେତେ ସୁନ୍ଦରେ
ସଜାଇ ଥାଏ ମୁଁ ଘର ଅଗଣା
ମନ୍ଦିରର ବେଢ଼ା କେବେ ମୋ ଠିକଣା
ନାମଟି ମୋହର କହିବ ଯିଏ
ସୁନାପିଲା ନିଶ୍ଚେ ହୋଇବ ସିଏ ?

ଏମିତି ପୂର୍ଣ୍ଣିମା ଅଟଇ ମୁହିଁ
ଭକତି ଭାବରେ ମନ ଭରଇ
ସକାଳୁ ପହରୁ କରିଣ ସ୍ନାନ
କରନ୍ତି ସଭିଏ ପ୍ରଭୁ ଦର୍ଶନ
ପୁଣ୍ୟ ଓ ପବିତ୍ର ପୂର୍ଣ୍ଣିମାଟିଏ
ନାମଟି ତାହାର କହିବ କିଏ ?

ଭାସୁଥାଏ ପରା ପାଣିରେ ମୁହିଁ
ପବିତ୍ର କାମନା ମନରେ ନେଇ
କେବେ ସୋଲରେ ମୁଁ ତିଆରି ହୁଏ
କଦଳିପତୁଆ କେବେ ମୁଁ ଥାଏ
ପାନ ଗୁଆ ପରା ମୋଦେହେ ଥୋଇ
ଧୂପ ଦୀପ ଦେଇ ଭସାନ୍ତି ନେଇ
କାର୍ତ୍ତିକ ପୂର୍ଣ୍ଣିମାରେ ଭାସଇ ମୁହିଁ
ମୋ ନାମ କିଏ ସେ ପାରିବ କହି ?

ସୁନ୍ଦରପୁର, ପ୍ରୀତିପୁର, ଯାଜପୁର-୭୫୫୦୧୩
ମୋ-୮୩୧୦୩୨୮୩୪୫

ପବିତ୍ର ମାସ

ସୁଜିତ କୁମାର ମିଶ୍ର

ଆମ ପବିତ୍ର କାର୍ତ୍ତିକ ମାସ
ଆସିଛି ମରତରେ
ଭକତି ଭାବ ଗଙ୍ଗା ବହିବ
ସବୁରି ହୃଦୟରେ ।
ସଅଳ ଉଠି ଯିବା ମନ୍ଦିର
ସିନାନ ସାରି ଦେଇ,
ପୂଜା ଅର୍ଚ୍ଚନା କରିବା ସେଠି
ଜଗା ଚରଣ ଛୁଇଁ ।
ଅଭାବୀ ଦୁଃଖୀ ମଣିଷ ପାଇଁ
ଢାଳିବା ଲହୁଲୁହ,
ହୋଇବା ତାଙ୍କ ସୁଖଦୁଃଖରେ
ସାଥୀଟେ ଅହରହ ।
ପ୍ରେମ କରୁଣା ଭାବ ରଖିବା
ପଶୁପକ୍ଷୀଙ୍କ ପ୍ରତି,
କରିବା ନାହିଁ ଜୀବଙ୍କୁ ହତ୍ୟା
ହିଂସା ଆଚରି ନିତି ।
ଆକାଶ ଦୀପ ଜାଳିବା ଆଉ
ଡଙ୍ଗା ଭସାଇ ଦେବା,
ଆମ ଅତୀତ ଶୋଭାରାଜିକୁ
ମନେ ପକାଉଥିବା ।
ପୁନେଇଁ ଜହ୍ନ ଉଇଁ ଆସିବ
ତୋଫା ରୋଷଣୀ ଧରି,
ମନେ ହୋଇବ ମରତ ଧାମ
ସୁଖର ସ୍ୱର୍ଗପୁରୀ ।
ଶୀତରେ ଭରା କାର୍ତ୍ତିକ ସିନା
କରଇ ଥରହର,
ଆମ କଳା ଓ ସଂସ୍କୃତିର ସେ
ଅମୂଲ୍ୟ ଗନ୍ତାଘର ।

ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର
ମୋ-୭୬୮୩୮୬୭୭୪୨

ଡଙ୍ଗାକୁ ମେଲାଣି ଦେବା...

ରାମଚନ୍ଦ୍ର ବେହେରା



ନଦୀର ଜଳରେ ଡୁବଟିଏ ମାରି
ଡଙ୍ଗାକୁ ପୂଜିବେ ସର୍ବେ
ବନ୍ଦାପନା ସାରି ବଳିତା ଜଳାଇ
ଭସାଇବେ ନଦୀ ଗର୍ଭେ ।
ଆ କା ମା ବୈ ଗୀତ ଗାଇ ଗାଇ
ଡଙ୍ଗାକୁ ଦେବେ ମେଲାଣି
ସାରା ନଦୀକୂଳ ହେବ ଲୋକାରଣ୍ୟ
ଉଛୁଳିବ ହୁଳହୁଳି ।
ସୂକ୍ଷ୍ମ ପଟ୍ଟବସ୍ତ୍ର ଅନ୍ୟ ପଣ୍ୟ ଦ୍ରବ୍ୟ
ପଡୋଶୀ ଦେଶକୁ ନେଇ
ଉତ୍କଳର ନାମ ଉଚ୍ଚ କରିଥିଲେ
ଆମରି ସାଧବ ଭାଇ ।
ବୀର ସାଧବଙ୍କ ହୃତ ନୌବାଣିଜ୍ୟ
ଅମର ରଖିବା ପାଇଁ
ସାରା ରାଜ୍ୟବାସୀ ଏହି ପରବକୁ
ପାଳିବେ ଶ୍ରଦ୍ଧା ଦେଖାଇ ।
ଆସ ମିଳିମିଶି ମହାନ ପର୍ବକୁ
ହର୍ଷ ଉଲ୍ଲାସେ ପାଳିବା
ସୁଖ ସମୃଦ୍ଧିର କାମନାର ଆଶେ
ଡଙ୍ଗାକୁ ମେଲାଣି ଦେବା ।

ତେନ୍ତୁଳିପଦା, ଜଗତସିଂହପୁର
ମୋ-୬୩୫୫୬୩୪୩୪୬

ସାଧବ ପୁଅ ବାଲି ପସରା ମେଲି

ମହେନ୍ଦ୍ର କୁମାର ଘଡ଼େଇ

କଟକ ଗଡ଼ଗଡ଼ିଆ ଘାଟ
ଗଢି ତୋରଣଟିଏ
କିଲ୍ଲା ପଡ଼ିଆ ନଦୀ ପଠାକୁ
ସଜେଇଅଛି ସିଏ ।
ଦେଖିବା ପାଇଁ ଡାକଦେଇଛି
ଅତିଥି ଦେବ ମଣି
ଶଙ୍ଖୋଳି ନିଏ ଭାଇପରିକା
ଏଇ ମାଟିରେ ପୁଣି ।
ଜାତି ଧରମ ଭାଷା ରାଇଜ
ବେଶ ବିଭେଦ ଛାଡ଼ି
ସିନିହ ଡୋରେ ବାଲିଯାତରା
ବୁଲାଏ ଲାଗିପଡ଼ି ।
ଭଳିକି ଭଳି ପସରା ମେଲି
ବଣିଜ କାରବାର
ମଜା ମଉଜ ହସ ଖୁସିର
କେଡ଼େ ସେ ମନୋହାର ।
ମିଛ ଫିସାଦ ଛଳନା ନାହିଁ
ଯା' ଲୋକକଥା ଅଛି
ତାରକସିର ଏଇ ସହର
ଆଣିଛି ମେଳା ବାଛି ।
ସାଧବପୁଅ ଫେରିବା ପଥେ
ବାଲିପସରା ଧରି
ମହାନଦୀର କୂଳେ ବୋଇତ
ବନ୍ଧାଣ ଥାଏ କରି ।
ଆମ ଚଳଣି ଆମରିକଥା
କହିବା ମଞ୍ଚ ଗଢ଼ି
ପୁରାଣ ଇତିହାସ ତା'ଶୁଣି
ଆଗକୁ ଯିବୁ ମାଡ଼ି ।
ସ୍ୱଚ୍ଛ ନିର୍ମଳ ମନ ମେଳାରେ
ରୋକିବା ପ୍ରଦୂଷଣ
ପ୍ଲାଷ୍ଟିକ ପଲିଥିନ୍ ମୁକୁତ
କରିବା ଆମେ ପଣ ।

କ୍ଷେତ୍ରମୋହନ ବିଦ୍ୟାପୀଠ, କଟରପଡ଼ା, ପିଠାପଡ଼ା, ନିଦ୍ଧିନ୍ତକୋଇଲି, କଟକ
ମୋ-୯୪୩୭୭୪୦୫୬୬



କାର୍ତ୍ତିକ ପୁନେଇଁ ଦିନ

ଜୟକୃଷ୍ଣ ସାହୁ

କାର୍ତ୍ତିକ ପୁନେଇଁ ଆସିଥାଏ ଧାଇଁ
ଅଶିଣ ପୁନେଇଁ ପରେ
ସେ ଦିନ ନଈରେ ଡଙ୍ଗାକୁ ଭସାଇ
ପୁନେଇଁ ପାଳୁ ଘରେ ।
କଦଳୀ ପଟୁକା ଆଣି ବୋଉ ମୋର
ଡଙ୍ଗାଟି ବନେଇ ଥାଏ
ତହିଁ ପରେ ପାନ ଗୁଆ ଧୂପ ଦୀପ
ରଖି ସେ ଆମକୁ ଦିଏ ।
ଗୋଟିଏ ଗୋଟିଏ ଡଙ୍ଗା ନେଇ ଆମେ
ନଦୀରେ ଭସାଉ ଯାଇ
'ଆକା ମାଆ ଭୈ ପାନଗୁଆ ଖାଇ'
ଶରଧାରେ ଗାଇ ଗାଇ ।
ଓଡ଼ିଆ ଅତୀତ ଗଉରବ ଗାଥା
ପକାଇ ସେ ଦିନ ମନେ
ଭସାଉ ଥାଆନ୍ତି ନଈରେ ନଉକା
ଖୁସିରେ ସକଳ ଜନେ ।
ଶୁଆଦିଆ ଖାଦ୍ୟ ବୋଉ ରାନ୍ଧିଥାଏ
ସଭିଏଁ ଖୁସିରେ ଖାଉ
ମନ କଥା ଜାଣି ପରଷି ଦିଅଇ
ମିଠା ପିଠା ଆଣି ବୋଉ ।
ଧରମ ମାସର ଶେଷ ଦିନ ଆମେ
ଠାକୁର ଦର୍ଶନ କରି
ତାଙ୍କରି ଆଶିଷ ଶିର ପରେ ବହି
ଘରକୁ ଆସୁ ଫେରି
ମନଟି ପବିତ୍ର ଲାଗେ,
ନୂଆ ଆଶା ନୂଆ ଉନ୍ମାଦନା ଆସି
ସହସା ମନରେ ଜାଗେ ।

କପିଳ ପ୍ରସାଦ, ଭୁବନେଶ୍ୱର-୨
ମୋ-୯୯୩୭୦୯୨୩୯୭



ବୋଇତ ବନ୍ଦାଣ

ନିରଞ୍ଜନ ସାହୁ

କାର୍ତ୍ତିକ ମାସର ଶେଷ ଲଗନରେ
ବୋଇତ ବନ୍ଦାଣ ଆସଇ
ବୋଇତ ବନ୍ଦାଣ ପ୍ରତିଛବି ପରା
ଆମ ଆଖି ଆଗେ ଭାସଇ ।
ଇତିହାସ କହେ କଳିଙ୍ଗ ରାଇଜ
ସାଧବ ପୁଅଙ୍କ କାହାଣୀ
ଆଜିର ଓଡ଼ିଆ ଏକଥା ପଢ଼ିକି
ଚାହେଁ ବୋକା ପରି ଚାହାଣି ।
ସାତ ସମୁଦର ପାର ହୋଇକରି
ସାଧବେ ବିଦେଶ ଯାଆନ୍ତି
ଏ ଦେଶ ଦରବ ବିଦେଶରେ ବିକି
ଅତ୍ୟଧିକ ଲାଭ ପାଆନ୍ତି ।
ବିଦେଶ ଦରବ ବୋଇତରେ ଲଦି
ଆମରି ଦେଶକୁ ଆଣନ୍ତି
ମଝି ଦରିଆରେ ବଡ଼ବଡ଼ ପାଲ
ବୋଇତ ଦେହରେ ଟାଣନ୍ତି ।
କାର୍ତ୍ତିକ ମାସରେ ବିଦେଶ ଯାଆନ୍ତି
ଭାଦ୍ରବରେ ଦେଶେ ଫେରନ୍ତି
ସାଧବ ଘରଣୀ ବନ୍ଦାପନା ଲାଗି
ବୋଇତକୁ କୂଳେ ଘେରନ୍ତି ।
ଜାଭା, ସୁମାତ୍ରା, ସିଂହଳ, ବୋର୍ଣ୍ଣିଓ
ବାଲି ଦ୍ୱୀପେ ପୋତ ଲାଗଇ
ଅନ୍ତର୍ବାଣିଜ ଓ ବହିର୍ବାଣିଜ୍ୟର
କଥା ଆମ ମନେ ଜାଗଇ ।
ସାହସୀ କଳିଙ୍ଗ ସାଧବ ସନ୍ତାନେ
କଳିଙ୍ଗ ସାଗରେ ଯାଇକି
ଧନରତ୍ନ ବୋହି ଆଣୁଥିଲେ ପରା
ବେପାରରେ ଲାଭ ପାଇକି ।
ଆଜି ସେହିକଥା ସ୍ମୃତି ପାଲଟିଛି
ଇତିହାସ ସାକ୍ଷୀ ରହିଛି
ସେକଥା ଭାବିକି କଳିଙ୍ଗ ସନ୍ତାନ
କେବଳ ନିରବେ ରହିଛି ।
ସେହି ସ୍ମୃତି ଉନ୍ମୋଚନ ଆଧାରରେ
ବୋଇତ ବନ୍ଦାଣ କରୁଛି
ସୋଲ, କାଗଜ ଓ କଦଳୀ ପଟୁଆ
ଡଙ୍ଗା ମେଲିବାକୁ ଧରୁଛି ।
'ଆକାମାବୈ ପାନଗୁଆ ଥୋଇ'
ଗୀତଟିକୁ ଗାଇ ଦେଇକି
ନଦୀ, ନାଳ, ପୁଷ୍କରିଣୀ, ସାଗରରେ
ଡଙ୍ଗା ମେଲିଦିଏ ନେଇକି ।
ଠାବେଠାବେ ବାଲିଯାତ୍ରା ବସୁଅଛି
ବୋଇତ ବନ୍ଦାଣ ପରବେ
କଳିଙ୍ଗ ସନ୍ତାନ ଗରବ କରନ୍ତି
ଧନ୍ୟ ମଣିଥାନ୍ତି ସରବେ ।

ନିହଲ ପ୍ରସାଦ, ଗଁଦିଆ ପାଟଣା, ଢେଙ୍କାନାଳ- ୭୫୯୦୧୬
ମୋ-୯୯୩୮୭୪୧୫୮୩

ଆସିଛି କାର୍ତ୍ତିକ ମାସ

ନଳିନୀ ଦାଶ

ଆଶ୍ୱିନର ପରେ କାର୍ତ୍ତିକ ଆସିଛି
ଏ ପରା ଧରମ ମାସ
ଅନ୍ଧାରରୁ ଉଠି ସ୍ନାନ କରୁଥିଲେ
ହୃଦେ ଲଭିବା ସନ୍ତୋଷ ।
ଅରଖ ଦୁଦୁରା ଗୟସ କେତକୀ
ଚମ୍ପା ବେଲପତ୍ର ତୋଳି
ଶିବଙ୍କୁ ଦର୍ଶନ କରିବା ମନ୍ଦିରେ
ହାତେ ନେଇ ଭୋଗଥାଳି ।
ଶିବ ପଞ୍ଚାକ୍ଷର ତୁଣ୍ଡରେ ଜପିବା
ଚନ୍ଦନ ମଥାରେ ବୋଳି
ବଉଳ ମାଳକୁ ତ୍ରିଶୁଳେ ବାନ୍ଧିବା
ଧୂପ ଦୀପ ଦେବା ଜାଳି ।
ବାଜି ଉଠିଲାଣି ଦେବ ମନ୍ଦିରରୁ
ଶଙ୍ଖ ଘଣ୍ଟ ଘଣ୍ଟି ଧ୍ୱନି
ସଙ୍କୀର୍ତ୍ତନ କରି ଭକତ ଗାଆଁନ୍ତି
ଗୀତ ବଜାଇଣ ଗିନି ।
ଶିବଶଙ୍କରଙ୍କ ଭଜନ ଗାଇବା
ସୋମବାର ବ୍ରତ କରି
ଗୀତା ଭାଗବତ ଶୁଣୁଥିବା ବସି
ମନରେ ଆନନ୍ଦ ଭରି ।
ବୃଷଭ କାନରେ ଜଣାଇ ଦେବାଟି
ଯାହା ମାନସିକ ଥିବ
କାର୍ତ୍ତିକ ମାସଟି ପୂଣ୍ୟ ମାସେ ଗଣା
ଧରମ ପଥରେ ଯିବ ।
ଦାନ ପୂଣ୍ୟ କରି ଏ କାର୍ତ୍ତିକ ମାସେ
ଧର୍ମ ଅରଜନ କର
ସୁଖ ସମୃଦ୍ଧି ଓ ଶାନ୍ତି ବିରାଜଇ
ହସି ଉଠିଥାଏ ଘର ।
ଚାରିଆଡେ ଶୁଭେ ପୁଣ୍ୟର ସଙ୍ଗୀତ
ମନେ ଭକ୍ତିଭାବ ଭରେ
ଭକ୍ତିରେ ଡାକିଲେ ତାଙ୍କରି ଆଶିଷ
ଆମରି ମଥାରେ ଝରେ
ବାରମାସ ମଧ୍ୟେ ଏ କାର୍ତ୍ତିକ ମାସ
ମାସ ମଧ୍ୟେ ହେଲା ସାର
ଆମିଷ ନଖାଇ ବିଷ୍ଣୁ କୃଷ୍ଣ ଶିବ
ନାମ ତୁଣ୍ଡେ ଜପ କର ।

ଭିକାରିପଡ଼ା, ଶରଣକୁଳ, ନୟାଗଡ଼
ମୋ-୯୨୩୮୯୧୭୬୪୯

ଡଙ୍ଗାରେ ଡଙ୍ଗା

ନୀଳମଣି ଚାନ୍ଦ



ଡଙ୍ଗାରେ ଡଙ୍ଗା
ବରଷା ଝଡ଼ିଲେ ଭସେଇ ଦିଅନ୍ତି
ଭିଜି ଭିଜି ଭିଜି ରିକିନା, ରଙ୍ଗା
କାଗଜଟିରେ
ସେ ହୋଇଛି ଗଢ଼ା ଜାଣିନାକିରେ ।
ଡଙ୍ଗାରେ ଡଙ୍ଗା
ଲଞ୍ଚର ପରି ନଈରେ ସେ ଚାଲେ
ହେଉ ମହାନଦୀ ଅବା ସେ ଗଙ୍ଗା
ଦେହଟି କାଠ
ତା' ଯିବା ପାଇଁରେ ପାଣିଟି ବାଟ ।
ଡଙ୍ଗାରେ ଡଙ୍ଗା
ସୋଲରେ ଗଢିକି ପିନ୍ଧେଇଦିଏରେ
ତାକୁ କେ ରଙ୍ଗୀନ କାଗଜ ଅଙ୍ଗା
ପଟରେ ହୁଏ
କାର୍ତ୍ତିକ ପୁନେଇ ପରବ କୁହେ ।
ଡଙ୍ଗାରେ ଡଙ୍ଗା
ଅଜା କହୁଥିଲେ ନୌବାଣିଜ୍ୟ କଥା
ଚକିତ ହୋଇକି ଅନାଏ ରଙ୍ଗା
ସରିଲା ଗୀତ
ବାଲିଯାତ୍ରା କଥା ଭାବିଲା ଚିତ୍ତ ।

ମନ୍ତ୍ରମାନୋର, ଗୋଠପାଟଣା, ଭୁବନେଶ୍ୱର
ମୋ-୯୫୮୩୨୦୨୩୫୬

କାର୍ତ୍ତିକ ପୂର୍ଣ୍ଣିମା ଶୁଭ ପ୍ରଭାତରେ

ପ୍ରଫୁଲ୍ଲ କୁମାର ସାହୁ



କାର୍ତ୍ତିକ ପୂର୍ଣ୍ଣିମା ଶୁଭ ପ୍ରଭାତରେ
ଜଳ କୂଳେ ଆମେ ମିଳି,
ଟିକି ଡଙ୍ଗା ଆମ ଭସାଇ ଦେବାରେ
ଦେଇ ଆମେ ହୁଳହୁଳି ।୧।

କଦଳୀ ପଟୁକା ସୋଲରେ ତିଆରି
ଡଙ୍ଗା ନିଜ ହାତେ ନେଇ,
ସକାଳ ଆଗରୁ ଭସାଇ ଦେବାରେ
ପରିବାର ମେଳେ ଯାଇ ।୨।

ଘିଅ ବତୀ ଦେଇ ପାନ ଗୁଆ ଥୋଇ
ଆ... କା... ମା ...ଗାଇ,
ଦେଇ ହରିବୋଲ ଖୁସି ମନେ ଆମେ
ଡଙ୍ଗାକୁ ଦେବା ଭସାଇ ।୩।

ସାଙ୍ଗ ସାଥୀ ମେଳେ ବାଣ ଫୁଟାଇବା
ଆନନ୍ଦରେ ଆମେ ଯାଇ,
ମନ୍ଦିରରେ ଦିଅଁ କରିବା ଦର୍ଶନ
ଭୋଗ ଡାଲା ହାତେ ନେଇ ।୪।

ଆମ ପରମ୍ପରା ଆମରି ସଂସ୍କୃତି
ବଜାୟ ରଖିବା ପାଇଁ,
ପାଳନ କରିବା ଡଙ୍ଗା ଭସା ପର୍ବ
ସଭିଏଁ ଏକାଠି ହୋଇ ।୫।

ଧର୍ମ ମାସ କାର୍ତ୍ତିକର ଶେଷ ଦିନେ
କରିବା ଦେବ ଦର୍ଶନ,
ପୂର୍ଣ୍ଣିମା ପ୍ରଭାତେ ଦେବ ଦର୍ଶନରେ
ଜୀବନ ହୋଇବ ଧନ୍ୟ ।୬।

କାହିଁ କେଉଁ କାଳୁ ରହିଅଛି ପ୍ରଥା
ଏହିଦିନ ଠାରୁ ପରା,
ମହାନଦୀ କୂଳେ ହୁଏ ବାଲିଯାତ୍ରା
ଚାଲି ଆସିଛି ଏ ଧାରା ।୭।

ନିମନ୍ତ୍ରିତ ହୋଇ କେତେ ଯେ ଅତିଥି
ଯାତ୍ରା ମଣ୍ଡପକୁ ଅସି,
ଉଦ୍ଘାଟନ କରି ଏହି ଉତ୍ସବକୁ
ବାଣ୍ଟିଥାନ୍ତି ହସ ଖୁସି ।୮।

ଯଦୁ-ମାଳତୀ କୃପା ନିବାସ, ଶକ୍ତି ବିହାର/ବାଲିପଡ଼ା, ମାହାଙ୍ଗା, କଟକ
ମୋ-୭୬୦୯୦୪୪୩୮୩



ଡଙ୍ଗା ଭସେଇବା ଆସ...

ଲକ୍ଷ୍ମୀପ୍ରିୟା ପୃଷ୍ଟି



ଆସିଗଲା ଏବେ କାର୍ତ୍ତିକ ପୂନେଇଁ
ଡଙ୍ଗା ଭସେଇବା ଆସ
ସାରା ବରଷରେ ଏ ମାସଟି ପରା
ଅଟଇ ଧରମ ମାସ,
ଘରେ ଘରେ ପୂଜା ବ୍ରତ
ଶୁଦ୍ଧ ପୂତ ମନେ ଦିଅଁଙ୍କୁ ପୂଜନ୍ତି
ହୋଇ ମନରେ ସନ୍ତୋଷ ।

ଓଡ଼ିଆ ସାଧବ ଯାଉଥିଲେ ଆଗେ
ବୋଇତେ ବଣିଜ କରି
ନାନା ଜାତି ଚିଜ ଆଣୁଥିଲେ ବୋହି
ବୋଇତକୁ କରି ଭରି,
ଅତୀତ ଯାଇଛି ହଜି
ନାହାନ୍ତି ସାଧବ ବୋଇତ ବଣିଜ
ସେ ସ୍ମୃତି ହେଉଛୁ ଖୋଜି ।

ଧୂପ, ଦୀପ ଦେଇ ଡଙ୍ଗା ସଜେଇ
ଆ କା ମା ଭୈ କହି
ସକାଳୁ ସକାଳୁ ସିନାନ ସାରି
ଡଙ୍ଗାକୁ ଦେଉ ଭସାଇ,
ଅତୀତ ସ୍ମୃତିର ମଧୁର ପ୍ରତୀକ
ଏଇ ପର୍ବ ସିନା ଆମ
ଦାନ, ପୁଣ୍ୟ ସହ ଏ ପର୍ବ ପାଳିବା
ଖାଇବା ହବିଷ୍ୟ ଅନ୍ନ ।

ଦଶରଥପୁର, ଯାଜପୁର
ଫୋନ୍-୬୩୭୭୩୧୮୭୮୯

SIKSHA 'O' ANUSANDHAN

(Deemed to be University declared u/s.3 of the UGC Act.,1956)

Accredited (3rd cycle) by NAAC with A++ Grade

Three Decades of Rich Legacy

Strive | Observe | Adapt

NATIONAL INSTITUTIONAL RANKING FRAMEWORK 2025

15th in University Category
22nd in Engineering Category
15th in Medical Category
9th in Dental Category
10th in Law Category
66th in Management Category

QS WORLD UNIVERSITY RANKINGS 2026

80 in QS Southern Asia University Ranking
332 in QS Asia University Ranking
1201- 1400 in QS World University Ranking
Instituion of Happiness
Recognized by QS I-Guage

THE WORLD UNIVERSITY RANKINGS 2026

801-1000 in THE World University Ranking
501- 600 in Engineering Technology
801- 1000 in Computer Science
601-800 in Medical & Health
201-300 in Sustainable Impact Rankings

Educating Minds | Serving Humanity

APPROVED BY

UGC AICTE NMC DCI PCI BCI INC VCI

ACCREDITATIONS & RECOGNITIONS

NAAC (A++) NBA ICAR
NABH NABL
UGC Category - I Graded Autonomy
UGC 12(B) DSIR - SIRO

SIKSHA 'O' ANUSANDHAN GROUP OF HOSPITALS

- IMS AND SUM HOSPITAL - I KALINGA NAGAR, BHUBANESWAR
- IMS AND SUM HOSPITAL - II PHULNAKHARA, BHUBANESWAR
- IMS AND SUM HOSPITAL - III SITALAPALLI, BERHAMPUR
- SUM ULTIMATE MEDICARE KALINGA NAGAR, BHUBANESWAR

Startup & Incubation Centre

aico CII

MAJOR INTERNATIONAL COLLABORATIONS

The Bindura University of Science Education, Zimbabwe
Altinbas University of Turkey
Asia University of Taiwan
University of AUCKLAND New zealand
Earth Network Inc, USA
Dongguk University Seoul Campus
NHA Trang University, Vietnam
University of Nebraska, Lincoln

18 Research Centres in niche areas
Atal Incubation Centre
Over 400 foreign students from 30 countries

38 Researchers of SOA figure among the Top 2% Scientists of the World List of Stanford University, USA

Research | Knowledge | Innovation | Nation Building

ENGINEERING AND TECHNOLOGY
Institute of Technical Education & Research

MEDICAL SCIENCES
IMS AND SUM Hospital-I, Kalinga Nagar
IMS AND SUM Hospital-II, Phulnakhara

DENTAL SCIENCES
Institute of Dental Sciences

MANAGEMENT SCIENCES
Institute of Business and Computer Studies

PHARMACEUTICAL SCIENCES & BIOTECHNOLOGY
School of Pharmaceutical Sciences-I, Kalinga Nagar
Centre for Biotechnology
School of Pharmaceutical Sciences-II, Phulnakhara

NURSING
Sum Nursing College-I, Kalinga Nagar
Sum Nursing College-II, Phulnakhara

HOSPITALITY & TOURISM MANAGEMENT
School of Hotel Management

LEGAL STUDIES
SOA National Institute of Law

AGRICULTURAL SCIENCES
Institute of Agricultural Sciences

VETERINARY SCIENCE & ANIMAL HUSBANDRY
Institute of Veterinary Science and Animal Husbandry



Empowering students for a brighter future

BHUBANESWAR, ODISHA, INDIA | www.soa.ac.in


ଆଜିଠୁ ଟେଷ୍ଟ ଶୃଙ୍ଖଳା

ବିଜୟ ଲକ୍ଷ୍ୟରେ ଗିଲ୍ ବାହିନୀ

ୱେଲିଂଟନ୍

ନ୍ୟୁଜିଲାଣ୍ଡ ଗସ୍ତରେ ଥିବା ଭାରତୀୟ ଦଳ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ୍ ଶୃଙ୍ଖଳା ଗୁରୁବାରଠୁ ବେସିନ୍ ରିଜର୍ଭ ଷ୍ଟାଡିୟମ୍‌ରେ ଖେଳିବ। ବିଶ୍ୱ ଟେଷ୍ଟ ଚାମ୍ପିୟନସିପ୍ (ଡବ୍ଲୁଟିସି) ଫାଇନାଲ୍ ଦୌଡ଼ ଲାଗି ଏହି ଶୃଙ୍ଖଳା ଭାରତ ପାଇଁ ଗୁରତ୍ୱପୂର୍ଣ୍ଣ ଥିବାରୁ ଶୁବମନ ଗିଲ୍ ବାହିନୀ ବିଜୟ ଲକ୍ଷ୍ୟରେ ରହିଛି। ଏହି ଗସ୍ତରେ ଭାରତ ଉଭୟ ଟ୍ୱେଣ୍ଟି-୨୦ ଓ ଦିନିକିଆ ଶୃଙ୍ଖଳା ଜିତିଥିବାରୁ ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ଟେଷ୍ଟ୍ ଶୃଙ୍ଖଳା କବ୍‌ଜା କରିବା ସହ ଡବ୍ଲୁଟିସି ଫାଇନାଲ୍ ସ୍ଥାନ ଦୌଡ଼ରେ ରହିବା ଆଶାରେ ରହିଛି। ହେଲେ ଘାସଭରା ପିଚ୍ ସହ ଘରୋଇ ଦଳର ଶକ୍ତିଶାଳୀ ଦ୍ରୁତ ବୋଲିଂ ବାହିନୀ ଭାରତ ପାଇଁ ଏହା ଏତେ ସହଜ ହେବନି। ଘରୋଇ ଦ୍ରୁତ ବୋଲର କାଇଲ ଜାମିସନ, ଜାକବ ଡଫି ଓ ମ୍ୟାଟ୍ ହେନରି ବିପକ୍ଷରେ ଭାରତୀୟ ବ୍ୟାଟରଙ୍କୁ କୌଶଳ, ଧୈର୍ଯ୍ୟ ଓ ଦୃଢ଼ ମନୋବଳ ସହ ଖେଳିବାକୁ ପଡ଼ିବ। ଅଧିନାୟକ ଗିଲ୍‌ଙ୍କ ସହ ଯଶସ୍ୱୀ ଜୟସ୍ୱାଲ, କେଏଲ୍ ରାହୁଲ, ଦେବଦତ୍ତ ପଡିକଲ ଓ ରଷଭ ପନ୍ତଙ୍କ ଉପରେ ଦଳର ବ୍ୟାଟିଂ ଲାଇନ୍ ନିର୍ଭର କରିବ।

ଭାରତ (ସମ୍ଭାବ୍ୟ ୧୧) : ଶୁବମନ ଗିଲ (ଅଧିନାୟକ), ଯଶସ୍ୱୀ ଜୟସ୍ୱାଲ, କେଏଲ୍ ରାହୁଲ, ଦେବଦତ୍ତ ପଡ଼ିକଲ, ରଷଭ ପନ୍ତ (ୱିକେଟ୍‌କିପର), ଧ୍ରୁବ ଜୁରେଲ, ରବୀନ୍ଦ୍ର ଜାଦେଜା, ଅଂଶୁଲ କମ୍ବୋଜ, ଆକାଶ ଦୀପ, ଯଶପ୍ରୀତ ବୁମ୍‌ରା, ପ୍ରସିଦ୍ଧ କୃଷ୍ଣ/ଗୁରନୂର ବ୍ରାର/ମହମ୍ମଦ ସିରାଜ।



Metals Major
takes the global leap

World's largest Aluminium rolling company...
One of Asia's biggest producers of Primary Aluminium...
India's leading Copper producer...
Forever in the pursuit of creating superior value...
Conquering new heights...globally
...with a passion to excel.

ADITYA BIRLA
HINDALCO
HINDALCO INDUSTRIES LIMITED
www.hindalco.com • www.adityabirla.com

32 YEARS

ସମୟ କଣ୍ଠିକା

ଭୁବନେଶ୍ୱର, ୧୯ ନଭେମ୍ବର, ଗୁରୁବାର, ୨୦୨୬


ପୃଷ୍ଠା – ୬

ପାକିସ୍ତାନକୁ ୨-୧ ରେ ପରାସ୍ତ କରି ୧୦ମ ଥର ପାଇଁ ସାଫ୍ ଚାମ୍ପିଅନସିପ୍ ଟ୍ରଫି ଜିତିଲା ଭାରତ

ଢାକା

ଭାରତୀୟ ଫୁଟବଲ୍ ଦଳ ଆଉ ଥରେ ନିଜର ଦବଦବା ପ୍ରମାଣିତ କରି ସାଫ୍ ଚାମ୍ପିଅନସିପ୍ ଟାଇଟଲ୍ ନିଜ ନାମରେ କରିଛି। ଢାକାରେ ଖେଳାଯାଇଥିବା ଏକ ରୋମାଞ୍ଚକର ଫାଇନାଲ୍ ମ୍ୟାଚ୍‌ରେ ଭାରତ ନିଜର ଚିର ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୨-୧ ଗୋଲ୍‌ରେ ହରାଇ ରେକର୍ଡ ୧୦ମ ଥର ପାଇଁ ଟ୍ରଫି ଜିତିଛି। ଏହା ସହିତ ଭାରତୀୟ ଦଳ କ୍ରମାଗତ ତୃତୀୟ ଥର ପାଇଁ ଏହି ଟାଇଟଲ୍ ଜିତି ବିଜୟର ହ୍ୟାଟ୍ରିକ୍ ମଧ୍ୟ ପୂରଣ କରିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଭାରତୀୟ ଦଳ ଏକ ଦ୍ୱିତୀୟ ସ୍ତରର ଦଳ ସହିତ ପଡ଼ିଆକୁ ଓହ୍ଲାଇଥିବା ସତ୍ତ୍ୱେ ଏହି ଟାଇଟଲ୍ ଜିତିବାରେ ସଫଳ ହୋଇଛି। ମ୍ୟାଚ୍‌ରେ ଗୋଟିଏ ସମୟରେ ପାକିସ୍ତାନ ଦଳ ଅଗ୍ରଣୀ ହାସଲ କରିଥିଲା, କିନ୍ତୁ ଦ୍ୱିତୀୟ ହାଫ୍‌ରେ ଭାରତୀୟ ଖେଳାଳିମାନେ ଚମତ୍କାର ପ୍ରତ୍ୟାବର୍ତ୍ତନ କରି ମ୍ୟାଚ୍‌ର ଗତିପଥ ବଦଳାଇ ଦେଇଥିଲେ।

ପାକିସ୍ତାନକୁ ହରାଇବା ସହିତ ଭାରତ ସାଫ୍ ଚାମ୍ପିଅନସିପ୍‌ରେ ନିଜର ୧୦ମ ଟାଇଟଲ୍ ଜିତି ନେଇଛି। ଭାରତୀୟ ଦଳ ଏହି ଟୁର୍ଣ୍ଣାମେଣ୍ଟର ଇତିହାସରେ ସବୁଠାରୁ ସଫଳ ଦଳ ହୋଇ ରହିଛି। ଏହା ବ୍ୟତୀତ କ୍ରମାଗତ ତୃତୀୟ ଥର ପାଇଁ ଚାମ୍ପିଅନ୍ ହୋଇ ଭାରତ ଟାଇଟଲ୍ ବିଜୟର ହ୍ୟାଟ୍ରିକ୍ ମଧ୍ୟ ପୂରଣ କରିଛି। ଏକ ଦ୍ୱିତୀୟ ସ୍ତରର ଦଳ ସହିତ ଟୁର୍ଣ୍ଣାମେଣ୍ଟକୁ ଓହ୍ଲାଇବା ସତ୍ତ୍ୱେ ଭାରତର ଏହି ବିଜୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରହିଛି।



Swosti Chilika Resort
Adjudged as Best Wedding Resort
Asia's Largest Water Lagoon

TODAY'S TRAVELLER
SWOSTI CHILIKA RESORT
Today's Traveller Award 2026
Best Wedding Resort

PLAN YOUR DREAM WEDDING AT SWOSTI CHILIKA RESORT

Book 4 Months Ahead – Secure Your Wedding Date!

WEDDING DATES ARE FILLING FAST
ENQUIRE NOW >

+91 8065911981 / +91 93387 66465 crs@swostihotels.com www.swostihotels.com

15001/138/2627



ବିକାଶର ଧାରା, ଓଡ଼ିଶା ସାରା



ସୁଭଦ୍ରା ଯୋଜନାରେ
୧ କୋଟିରୁ ଅଧିକ ମହିଳା ସ୍ୱାବଲମ୍ବୀ

ଲକ୍ଷପତି ଦିଦି
୨୩.୪୬ ଲକ୍ଷ ମହିଳାଙ୍କ ନୂତନ ପରିଚୟ

ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନାରେ
କିଶୋରୀ, ମା' ଓ ଶିଶୁଙ୍କ ପୋଷଣ
ସଶକ୍ତିକରଣର ନୂଆ ଅଧ୍ୟାୟ

ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ
ଆର୍ଥିକ ଦୁର୍ବଳ ପରିବାର ପାଇଁ ବରଦାନ
୧,୩୦୦ରୁ ଊର୍ଦ୍ଧ୍ୱ ଦମ୍ପତିଙ୍କ ବିବାହ ସମ୍ପନ୍ନ

ଆୟୁଷ୍ମାନ ଭାରତ -
ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ
୩.୪୬ କୋଟି ଲୋକ ଉପକୃତ

ସାମାଜିକ ସୁରକ୍ଷା ପେନ୍‌ସନ ଯୋଜନା
୫୭ଲକ୍ଷରୁ ଅଧିକ ହିତାଧିକାରୀଙ୍କୁ ସହାୟତା

₹୩.୫ ଲକ୍ଷ କୋଟି ପୁଞ୍ଜିନିବେଶରେ
୧୫୨ ପ୍ରକଳ୍ପ ଯୋଗେ ୨,୫୨,୦୦୦ ନିଯୁକ୍ତି ସୃଷ ି

ବୃତ୍ତିଗତ ଶିକ୍ଷାରେ
ଅନୁସୂଚିତ ଜନଜାତିଙ୍କ ପାଇଁ ୨୨.୫%,
ଅନୁସୂଚିତ ଜାତିଙ୍କ ପାଇଁ ୧୬.୨୫%
SEBC ପାଇଁ ୧୧.୨୫% ସଂରକ୍ଷଣ

ସହିଦ ମାଧୋ ସିଂ ହାତ ଖର୍ଚ୍ଚ ଯୋଜନାରେ
୨ ବର୍ଷରେ ୩.୨୨ ଲକ୍ଷ ଜନଜାତି
ଛାତ୍ରଛାତ୍ରୀ ଉପକୃତ

୪୪,୮୭୫ ଶିଶୁ ବାଟିକା ମାଧ୍ୟମରେ
୩.୨ ଲକ୍ଷ ଶିଶୁ ଉପକୃତ
ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ
୧୨ ହଜାର କୋଟିରେ ୨,୨୦୦ ବିଦ୍ୟାଳୟ ମାଧ୍ୟମରେ
ଗୁଣାତ୍ମକ ଶିକ୍ଷାର ପରିକଳ୍ପନା

ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ
ଅନ୍ତ୍ୟୋଦୟ ଗୃହ ଯୋଜନାରେ
ପ୍ରାୟ ୫ ଲକ୍ଷ ପରିବାରଙ୍କୁ ମିଳିଛି ପକ୍କାଘର

ଖାଦ୍ୟ ସୁରକ୍ଷା ଯୋଜନାରେ
୩ କୋଟିରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ସହାୟତା

₹ ୪,୮୭୦ କୋଟିରେ
ସମୃଦ୍ଧ ସହର ଯୋଜନା ଆରମ୍ଭ

ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା
୪ ଲକ୍ଷରୁ ଅଧିକ ଗୋପାଳକଙ୍କୁ ₹୩୨୬ କୋଟିର
ଆର୍ଥିକ ସହାୟତା ପ୍ରଦାନ

ସମୃଦ୍ଧ କୃଷକ ଯୋଜନା
୧୯ ଲକ୍ଷ ଚାଷୀଙ୍କୁ ₹୧୩ ହଜାର କୋଟିର
ଇନ୍‌ପୁଟ୍ ସହାୟତା ପ୍ରଦାନ

ସିଏମ କିଷାନ ଯୋଜନା
୩ ହଜାର କୋଟିରେ ୫୧ ଲକ୍ଷ ଚାଷୀ ଉପକୃତ

ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ
୩ କୋଟିରୁ ଅଧିକ ଲୋକ ହେବେ ଉପକୃତ

୨.୭୮ ଲକ୍ଷ ହେକ୍ଟର ଜମିକୁ
ନିଶ୍ଚିତ ଜଳସେଚନ ସୁବିଧା

₹୬ ହଜାର କୋଟି ବ୍ୟୟରେ ରାଜ୍ୟରେ
ବିଦ୍ୟୁତ୍ ଭିତ୍ତିଭୂମିର ବିକାଶ
୩୯,୭୨୦ ଗ୍ରାମୀଣ ପରିବାରକୁ ବିଦ୍ୟୁତ ସଂଯୋଗ

15001/138/2627
₹୧୭ ହଜାର କୋଟିରେ
୯,୦୦୦ କି.ମି. ରାସ୍ତା ଓ ୫୭ଟି ସେତୁ ନିର୍ମିତ

MMSY
୧୧,୫୯୬ କିଲୋମିଟର
ସବୁଦିନିଆ ଗ୍ରାମ୍ୟ ରାସ୍ତା
ଏବଂ ସେତୁ ବନ୍ଧନ ଯୋଜନାରେ
୫୭୭ଟି ସେତୁ ନିର୍ମିତ

ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡ଼ିଶା ସରକାର

OIPR-15001/15001/2/26-27/0137

୪ ବର୍ଷ ପରେ ଶୀର୍ଷ ୫କୁ ଫେରିଲେ ସିନ୍ଧୁ

ନୂଆଦିଲ୍ଲୀ

ଦୁଇ ଅଲିମ୍ପିକ୍ସ ପଦକ ବିଜୟିନୀ ପିଭି ସିନ୍ଧୁ ପ୍ରାୟ ୪ ବର୍ଷ ପରେ ପୁଣି ଥରେ ବିଶ୍ୱ ବ୍ୟାଡ୍‌ମିଣ୍ଟନ ମହିଳା ଏକକ ମାନ୍ୟତାର ଶୀର୍ଷ ୫କୁ ଫେରିଛନ୍ତି। ନିକଟରେ ଏହି ଭାରତୀୟ ତାରକା ଫ୍ରେଞ୍ଚ ଓପନ୍‌ରେ ଉପବିଜୟିନୀ ହୋଇଥିଲା ବେଳେ ହାଇଲୋ ଓପନ୍ ଜିତିଥିଲେ। ଏହି ସଫଳତା ତାଙ୍କୁ ଶୀର୍ଷ ୫ରେ ପହଞ୍ଚାଇଛି। ଶେଷ ଥର ଲାଗି ଏହି ୩୧ ବର୍ଷୀୟା ସିନ୍ଧୁ ୨୦୨୨



ନଭେମ୍ବରରେ ଶୀର୍ଷ ୫ ମାନ୍ୟତା ଭିତରେ ରହିଥିଲେ।

ଯୁବା ଭାରତୀୟ ଖେଳାଳି ତନ୍ୱୀ ଶର୍ମା (୨୧) ଶୀର୍ଷ ୨୦ର ନିକଟତର ହୋଇଛନ୍ତି ପୁରୁଷ ଏକକରେ ଲକ୍ଷ୍ୟ ସେନ୍ ଶୀର୍ଷ ୧୦ର ନିକଟର ଅଛନ୍ତି। ହାଇଲୋ ଓପନ୍ ପରେ ଗତ ସପ୍ତାହରେ ଜାପାନ ମାଷ୍ଟର୍ସ ସୁପର ୫୦୦ ମୁକୁଟ କରାୟତ୍ତ କରିଥିବା ଲକ୍ଷ୍ୟ ଏବେ ୧୧ତମ ସ୍ଥାନରେ ରହିଛନ୍ତି। ଭାରତୀୟ ପୁରୁଷ ଯୁଗଳ ଯୋଡ଼ି ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ପୂର୍ବ ପରି ଷଷ୍ଠରେ ଥିଲା ବେଳେ ମହିଳା ଯୋଡ଼ି ତ୍ରିଶା ଜଲି ଓ ଗାୟତ୍ରୀ ଗୋପୀଚାନ୍ଦ ଗୋଟିଏ ସ୍ଥାନ ଉଠି ୧୯ରେ ପହଞ୍ଚିଛନ୍ତି।

32 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୧୯ ନଭେମ୍ବର, ୨୦୨୬ ଗୁରୁବାର



ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ବାତ୍ୟା ଅକଓ୍ୱାନ...

ବାତ୍ୟା ପାଇଁ ଏସ୍ଆରସିଙ୍କ କଣ୍ଟ୍ରୋଲ ରୁମ୍‌ରେ ଆଜିଠାରୁ ଜଣେ ଲେଖାଏଁ ଅଭିଜ୍ଞ ଅଧିକାରୀଙ୍କ ପରିଚାଳନାରେ ୨୪ ଘଣ୍ଟିଆ ମନିଟରିଙ୍ଗ୍ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡକ୍ଟର ଅରବିନ୍ଦ ପାଢ଼ୀ ମନିଟରିଙ୍ଗ୍ ଦାୟିତ୍ୱରେ ଅଛନ୍ତି । ପାଣିପାଗ ବିଭାଗର ସୂଚନା ଓ ଆକଳନ ଅନୁଯାୟୀ, ଏହି ବାତ୍ୟାଟି ଆସନ୍ତା ନଭେମ୍ବର ୨୦ ତାରିଖ ମଧ୍ୟାହ୍ନରେ ଉତ୍ତର ଆନ୍ଧ୍ରପ୍ରଦେଶର ନର୍ସାପୁର ଏବଂ ପୁରୀ ମଧ୍ୟରେ ସ୍ଥଳଭାଗ (ଲ୍ୟାଣ୍ଡଫଲ୍) ଅତିକ୍ରମ କରିବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ସହିତ ଘଣ୍ଟାପ୍ରତି ୯୦ ରୁ ୧୦୦ କିଲୋମିଟର ଏବଂ କେତେକ ସ୍ଥାନରେ ୧୧୦ କିଲୋମିଟର ପର୍ଯ୍ୟନ୍ତ ପ୍ରବଳ ଝଟକା ପବନ ବହିବାର ଆଶଙ୍କା ରହିଛି। ୧୧ଟି ଜିଲ୍ଲାକୁ ରେଡ୍‌ୱାର୍ଣ୍ଣିଂ ଅଛି । ଏହି ଜିଲ୍ଲାଗୁଡ଼ିକ ହେଲା- ମାଲକାନଗିରି, କୋରାପୁଟ, ରାୟଗଡା, କଳାହାଣ୍ଡି, ଗଜପତି, ଗଞ୍ଜାମ, କନ୍ଧମାଳ, ବୌଦ୍ଧ, ପୁରୀ, ନୟାଗଡ଼ ଏବଂ ଖୋର୍ଦ୍ଧା । ଏହି ଜିଲ୍ଲାମାନଙ୍କରେ ୧୯ ଓ ୨୦ ତାରିଖରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ରାଜ୍ୟର ଅନ୍ୟାନ୍ୟ ଜିଲ୍ଲା ଗୁଡ଼ିକରେ ମଧ୍ୟ ବର୍ଷା ହେବାର ସମ୍ଭାବନା ରହିଛି । ବର୍ତ୍ତମାନ ସୁଦ୍ଧା ୪୪୮ ଟି ବାତ୍ୟା ଆଶ୍ରୟ ସ୍ଥଳୀ କାର୍ଯ୍ୟକ୍ଷମ କରାଯାଇଛି । ୩ ଲକ୍ଷାରରୁ ଅଧିକ ଆଶ୍ରୟସ୍ଥଳୀକୁ ପ୍ରସ୍ତୁତ କରାଯାଉଛି। ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରିବା କାର୍ଯ୍ୟ ଆରମ୍ଭ ହୋଇଗଲାଣି । ରେଡ ୱାର୍ଣ୍ଣିଂ ଥିବା ଜିଲ୍ଲା ଗୁଡିକରୁ ୪୭ ହଜାରରୁ ଅଧିକ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇସାରିଛି । ଗଞ୍ଜାମରେ ସର୍ବାଧିକ ୨୫ ହଜାର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇଛି । ଜଗତସିଂହପୁରରେ ୧୧ ହଜାର ଲୋକଙ୍କୁ ସ୍ଥାନାନ୍ତରିତ କରିବା ପାଇଁ ଚିହ୍ନଟ କରାଯାଇଛି । ରାତି ସୁଦ୍ଧା ସେମାନଙ୍କୁ ସ୍ଥାନାନ୍ତରିତ କରାଯିବ । ୧୩୧୩ ଜଣ ଗର୍ଭବତୀ ମହିଳାମାନଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତରିତ କରାଯାଇଛି । ଉଦ୍ଧାର କାର୍ଯ୍ୟ ପାଇଁ ୬୦ଟି ଓଡ୍ରାଫ୍ ଏବଂ ୧୪ଟି ଏନ୍‌ଡିଆରଏଫ ସମୁଦାୟ ୭୪ଟି ଟିମ୍ ନିୟୋଜିତ କରାଯାଇଛି । ଅଧିକ ୨୦ଟି ଟିମ୍‌କୁ ମଧ୍ୟ ଆଲର୍ଟରେ ରଖାଯାଇଛି ବୋଲି ସେ କହିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଉଦ୍ଧାର ଓ ଚିଲିଫ୍ କାର୍ଯ୍ୟ ପରିଚାଳନା ପାଇଁ ଆଗୁଆ ପାଣି ଯୋଗାଇ ଦିଆଯାଇଛି । ଗଞ୍ଜାମ ଜିଲ୍ଲାକୁ ୫ କୋଟି ଏବଂ ଅନ୍ୟ ୧୫ଟି ଜିଲ୍ଲାକୁ ୧ କୋଟି ଟଙ୍କା ଲେଖାଏଁ, ମାଲକାନଗିରି ଜିଲ୍ଲାକୁ ୫୦ ଲକ୍ଷ ଟଙ୍କା- ସମୁଦାୟ ୨୦.୫ କୋଟି ଟଙ୍କା ଆଗୁଆ ଦିଆଯାଇଛି । ସାତଜଣ ବରିଷ୍ଠ ଆଇଏଏସ୍ ଅଧିକାରୀଙ୍କୁ ସାତଟି ଜିଲ୍ଲାରେ ପ୍ରସ୍ତୁତି ଏବଂ ଚିଲିଫ୍ ଓ ରିଷ୍ଟୋରେସନ୍ କାର୍ଯ୍ୟ ତଦାରଖ କରିବା ପାଇଁ ଦାୟିତ୍ୱ ଦିଆଯାଇଛି । ଜିଲ୍ଲାଗୁଡ଼ିକରେ ସ୍କୁଲ, କଲେଜ ଏବଂ ଅଙ୍ଗନବାଡ଼ି କେନ୍ଦ୍ର ବନ୍ଦ କରିବା ନେଇ ଜିଲ୍ଲାପାଳମାନେ ପରିସ୍ଥିତି ଦେଖି ନିଷ୍ପତ୍ତି ନେବେ। ପ୍ରଭାବିତ ଅଞ୍ଚଳର ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ସାପ କାମୁଡ଼ା ଇଞ୍ଜେକ୍ସନ୍, ଔଷଧ ଏବଂ ଚିକିତ୍ସା କିଟ୍ ଉପଲବ୍ଧ କରାଯାଇଛି । ବାତ୍ୟା ପରିସ୍ଥିତିରେ ତତକ୍ଷଣାତ୍ ରିଷ୍ଟୋରେସନ୍ ପାଇଁ ସମସ୍ତ ଇଞ୍ଜିନିୟରିଂ ବିଭାଗ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି । ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନରଡି.କେ. ସିଂହ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ରଙ୍କ ସହିତ ସ୍ୱତନ୍ତ୍ର ଚିଲିଫ୍ କମିଶନର ଏବଂ ୧୦ଟି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ ଏବଂ ସଚିବ ସ୍ତରୀୟ ଅଧିକାରୀମାନଙ୍କ ସହିତ ସମୀକ୍ଷା କରାଯାଇଥିବା ବେଳେ, ୨୦ଟି ଜିଲ୍ଲାର ଜିଲ୍ଲାପାଳମାନେ ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ ।

ନିର୍ଦ୍ଦୋଷ ପ୍ରାଣୀଙ୍କ...

ଭାବରେ ବିବେଚନା କରାଯାଏ।ଆବେଦନକାରୀ ଯୁକ୍ତି ଦର୍ଶାଇଥିଲେ ଯେ ନବରାତ୍ରି ଏବଂ ଦୁର୍ଗାପୂଜା ସମୟରେ ଦେବୀ ଦୁର୍ଗା ଏବଂ ମହିଷାସୁରଙ୍କ ମଧ୍ୟରେ ହେଉଥିବା ଯୁଦ୍ଧକୁ ମହିଷା କିମ୍ବା ଅନ୍ୟାନ୍ୟ ପ୍ରାଣୀଙ୍କ ହତ୍ୟା ପାଇଁ ଧାର୍ମିକ ଯଥାର୍ଥତା ଭାବରେ ବିବେଚନା କରାଯାଇପାରିବ ନାହିଁ। ବଳିଦାନର ପ୍ରକୃତ ଆଧ୍ୟାତ୍ମିକ ଅର୍ଥ ହେଉଛି ମାନବ ଅହଂକାର, ଅଜ୍ଞତା, ଲୋଭ, ଗର୍ବ ଏବଂ ପ୍ରାଣୀବାଦୀ ପ୍ରବୃତ୍ତିର ତ୍ୟାଗ। କାଳୀଘାଟ ଏବଂ କାମାକ୍ଷା ଭଳି ମନ୍ଦିରର ଉଦାହରଣ ଦେଇ ସେ ଦର୍ଶାଇଥିଲେ ଯେ, ଦେବୀଙ୍କୁ ସନ୍ତୁଷ୍ଟ କରିବା ନାମରେ ଛେଳି ଏବଂ ଅନ୍ୟାନ୍ୟ ପ୍ରାଣୀଙ୍କ ହତ୍ୟା ହିନ୍ଦୁ ଧର୍ମର ମୂଳ ଆଧ୍ୟାତ୍ମିକ ଭାବନାର ବିପରୀତ। ଅନିୟନ୍ତ୍ରିତ ପ୍ରାଣୀଙ୍କ ହତ୍ୟା ଜନସ୍ୱାସ୍ଥ୍ୟ ପାଇଁ ଏକ ଗମ୍ଭୀର ବିପଦ ସୃଷ୍ଟି କରେ, ଯାହା ପ୍ରାଣୀଙ୍କଠାରୁ ମଣିଷକୁ ସଂକ୍ରମଣର ବିପଦ ବୃଦ୍ଧି କରେ। ଆବେଦନରେ କୋଭିଡ୍-୧୯, ଏଚ୧ଏନ୧ ଏବଂ ସ୍ୱାଇନ୍ ଫ୍ଲୁ'କୁ ଉଲ୍ଲେଖ କରାଯାଇଥିଲା। ମାମଲାରେ ପଶ୍ଚିମବଙ୍ଗରେ ବ୍ରୁସେଲା ସଂକ୍ରମଣ ପାଇଁ ସେରୋପୋଜିଟିଭ୍ ପରୀକ୍ଷା କରୁଥିବା ୬୯୯ ପ୍ରାଣୀ ପରିଚାଳନାକାରୀଙ୍କ ମଧ୍ୟ ଉଦାହରଣ ଦିଆଯାଇଥିଲା। ଏଥିରେ କୁହାଯାଇଥିଲା, ପ୍ରାଣୀ ରକ୍ତ ଏବଂ ମଇଳା ଜଳ ଉତ୍ସକୁ ପ୍ରଦୂଷିତ କରିପାରେ ଏବଂ ମାଂସ ଦ୍ୱାରା ସୃଷ୍ଟି ହେଉଥିବା ମଇଳାର ଅନୁପଯୁକ୍ତ ନିଷ୍କାସନ ପରିବେଶ ପାଇଁ ବିପଦ ସୃଷ୍ଟି କରିଥାଏ। ସମ୍ବିଧାନର ଧାରା ୨୧ ଆଧାରରେ ଆବେଦନକାରୀ ଯୁକ୍ତି ଦର୍ଶାଇଥିଲେ ଯେ, ପ୍ରାଣୀଙ୍କ ସୁରକ୍ଷାକୁ ଜୀବନ ଏବଂ ପରିବେଶ ସୁରକ୍ଷାର ସାମ୍ବିଧାନିକ ନୀତି ମଧ୍ୟରେ ବିଚାର କରାଯିବା ଉଚିତ୍। ପାରେନ୍ସ ପାଟ୍ରିଆର ନୀତିର ଉଲ୍ଲେଖ କରି ସେ ଯୁକ୍ତି ଦେଇଥିଲେ ଯେ, କୋର୍ଟଗୁଡ଼ିକ ସ୍ୱରହୀନ ପ୍ରାଣୀଙ୍କ ରକ୍ଷକ ଭାବରେ କାର୍ଯ୍ୟ କରିପାରିବେ ଯେଉଁମାନେ ନିଜ ଅଧିକାର ପାଇଁ କହିପାରନ୍ତି ନାହିଁ। ଏହା ସହ ଜଳ ପ୍ରଦୂଷଣ ନିବାରଣ ଏବଂ ନିୟନ୍ତ୍ରଣ ଆଇନ ଏବଂ ପରିବେଶ ସୁରକ୍ଷା ଆଇନର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସତୀ ଏବଂ ବାଲ୍ୟବିବାହ ଭଳି କୁପ୍ରଥାର ଉଦାହରଣ ଦେଇ ଆବେଦନକାରୀ ଯୁକ୍ତି ଦର୍ଶାଇଥିଲେ ଯେ, କେବଳ ଏକ ଧାର୍ମିକ ପରମ୍ପରାକୁ ସାମ୍ବିଧାନିକ ମୂଲ୍ୟବୋଧର ବିପରୀତ ବୋଲି ଦର୍ଶାଇ ଏହାକୁ ଜାରି ରଖିବାକୁ ଅନୁମତି ଦିଆଯାଇପାରିବ ନାହିଁ। ଏପରି ଯୁକ୍ତି ସତ୍ତ୍ୱେ, ପ୍ରାଣୀଙ୍କ ନିର୍ମମ ହତ୍ୟାକୁ ରୋକିବା ପାଇଁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେବା ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଦେଇଥିଲେ।

୨୪,୧୫୦ କୋଟିର ...

ଯୋଜନା ଅଧିନରେ ୮୩୧୨ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିବା ବେଳେ କେ.ଜି.ରୁ ପି.ଜି ଅର୍ଥାତ୍ ସ୍ନାତକୋତ୍ତର ପର୍ଯ୍ୟନ୍ତ ମୁକ୍ତ ଶିକ୍ଷା ପାଇଁ ୪୮୫ କୋଟି, ଅର୍ବାନ ଚ୍ୟାଲେଞ୍ଜ ଫଣ୍ଡ ଅଧିନରେ ୧୭୪ କୋଟି, ଜନସ୍ୱାସ୍ଥ୍ୟ ଭିତ୍ତିଭୂମି ପାଇଁ ୩୧୬ କୋଟି, ଗଞ୍ଜାମ ଜିଲ୍ଲାରେ ଲବଣ କ୍ଷେତ୍ର ଜମି ଅଧିଗ୍ରହଣ ପାଇଁ ୩୫ କୋଟି ଏବଂ ନୂତନ ରେଳ ଲାଇନ ପାଇଁ ଜମି ଅଧିଗ୍ରହଣ ସକାଶେ ୫୫୦ କୋଟି ଟଙ୍କା ଆବ□ନ କରାଯାଇଛି। ସେହିପରି ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟସେବା ପାଇଁ ୧୨୪୬ କୋଟି, ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧିନରେ ୫୦୦ କୋଟି, ଭିତ୍ତିଭୂମି ବିକାଶ ପାଇଁ ୨୩୫୯ କୋଟି, ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ୫୦୦କୋଟି, ଜଳାଭାବ ଅଞ୍ଚଳରେ ଭୂତଳ ଜଳର ସହନୀୟ ଉତ୍ତୋଳନ ପାଇଁ ୩୦୦ କୋଟି, ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, ହସ୍ତତନ୍ତ ଓ ପର୍ଯ୍ୟଟନ ପାଇଁ ୧୨୯ କୋଟି, ସାମାଜିକ ସୁରକ୍ଷା (ଜାତୀୟ ଭିନ୍ନକ୍ଷମ ଭତ୍ତା) ପାଇଁ ୭୩୩ କୋଟି, କୃଷକ କଲ୍ୟାଣ ପାଇଁ ୧୬୦୬ କୋଟି, ମହିଳା ସଶକ୍ତିକରଣ ପାଇଁ ୧୨୪୭ କୋଟି, ସହରାଞ୍ଚଳ ବିକାଶ ୩୭୨ କୋଟି, ଶିକ୍ଷା ୧୭୧୫ କୋଟି, ଖାଦ୍ୟ ସୁରକ୍ଷା ଓ ଖାଦ୍ୟ ଯୋଗାଣ ପାଇଁ ୮୩୯୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଥିବା ମୁଖ୍ୟମନ୍ତ୍ରୀ ଦର୍ଶାଇଥିଲେ। ଅତିରିକ୍ତ ବଜେଟ୍‌ରେ ଗୃହ ବିଭାଗ ପାଇଁ ୨୪୮.୪୪ କୋଟି ଟଙ୍କା ବରାଦ କରାଯାଇଥିବା ବେଳେ ସାଧାରଣ ପ୍ରଶାସନ ବିଭାଗ ପାଇଁ ୧୨୪.୮୦ କୋଟି, ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ବିଭାଗ ପାଇଁ ୫.୨୦ କୋଟି, ଆଇନ୍ ବିଭାଗ ପାଇଁ ୭୪.୬୭ କୋଟି, ଅର୍ଥ ବିଭାଗ ପାଇଁ ୩୭୮.୭୭ କୋଟି, ନିର୍ମାଣ ବିଭାଗ ପାଇଁ ୨୭.୬୯ କୋଟି, ଖାଦ୍ୟ ଯୋଗାଣ ୮୩୮୯.୭୬ କୋଟି, ବିଦ୍ୟାଳୟ ଗଣଶିକ୍ଷା ୧୩୯୦.୭୪ କୋଟି, ସ୍ୱାସ୍ଥ୍ୟ ବିଭାଗ ପାଇଁ ୧୨୪୬.୩୩, ଗୃହ ଓ ନଗର ଉନ୍ନୟନ ବିଭାଗ ୩୭୧.୬୯ କୋଟି, ଯୋଜନା ଓ ସଂଯୋଜନ ବିଭାଗ ପାଇଁ ୫୨୦.୦୦ କୋଟି, ଶିଳ୍ପ ବିଭାଗ ପାଇଁ ୭୯୨.୩୮, ପରିବହନ ବିଭାଗ ୬୫୦.୩୮, ଜଙ୍ଗଲ ପରିବେଶ ଜଳବାୟୁ ପରିବର୍ତ୍ତନ ବିଭାଗ ପାଇଁ ୪୪.୬୪, କୃଷି ବିଭାଗ ପାଇଁ ୪୨୬.୫୩ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଥିବା ବେଳେ ଗ୍ରାମ୍ୟ ଉନ୍ନୟନ ବିଭାଗ ପାଇଁ ୧୩୪.୭୪ କୋଟି, ବିପର୍ଯ୍ୟୟ ପରିଚାଳନା ବିଭାଗ ପାଇଁ ୪୯୯୯.୩୯ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି।

ଘୁଞ୍ଚିଲା ଏସ୍ଏସ୍ବି ...

ଥିବା ଏସ୍ଏସ୍ବି ପରୀକ୍ଷାକୁ ସ୍ଥଗିତ ରଖାଯାଇଛି। ଏହା ପରିବର୍ତ୍ତେ ନଭେମ୍ବର ୨୧ ଓ ନଭେମ୍ବର ୨୩ରେ ପରୀକ୍ଷା ହେବ। ପରୀକ୍ଷାର୍ଥୀଙ୍କ ସୁରକ୍ଷା ଦୃଷ୍ଟିରୁ ଏଭଳି ପଦକ୍ଷେପ ନିଆଯାଇଥିବା ବିଜ୍ଞପ୍ତିରେ କୁହାଯାଇଛି। ସେହିଭଳି, ସିବିଟି ପରୀକ୍ଷା ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ, ୨୫ ଓ ୨୭ ନଭେମ୍ବର ଏବଂ ୧ ଓ ୨ ଡିସେମ୍ବର ୨୦୨୬ରେ ଅନୁଷ୍ଠିତ ହେବ।

ନିଶା ଦ୍ରବ୍ୟର...

ସାଢ଼େ ୩ ଘଣ୍ଟା ଧରି ମୋଦୀ ଆଲୋଚନା କରିବା ବେଳେ ଏପରି ବୟାନ ଦେଇଛନ୍ତି। ସେ ସମସ୍ତ ମନ୍ତ୍ରୀ ଓ ଅଫିସରମାନଙ୍କୁ ନକ୍ସଲବାଦ ଯେମିତି କମବ୍ୟାକ ନ କରିବ, ସେଥିପ୍ରତି ସଜାଗ ରହିବାକୁ କହିଛନ୍ତି। ବିଦ୍ରୋହୀ ଗୋଷ୍ଠୀର ମୁକାବିଲାରେ ରହିଥିବା ସ୍ଥିରତା ଯେମିତି କୌଣସି ବି ପରିସ୍ଥିତିରେ ହ୍ରାସ ନ ପାଇବ, ତା' ଉପରେ ଗୁରୁତ୍ୱ ଦେଇଛନ୍ତି। ଆଜିର ମନ୍ତ୍ରୀ ପରିଷଦ ବୈଠକ ଦିନ ୧୦.୩୦ରୁ ଆରମ୍ଭ ହୋଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମାଙ୍ଗଳବାର ବିଳମ୍ବିତ ରାତିରେ ମାନିଲାରୁ ଆସିଆନ ସମ୍ମିଳନୀରୁ ଫେରିଥିଲେ। ଏହାପରେ ବୁଧବାର ମନ୍ତ୍ରୀ ପରିଷଦ ବୈଠକ କରିଛନ୍ତି। ବୈଠକରେ ପ୍ରଧାନମନ୍ତ୍ରୀ ମୋଦୀ ଗରିବୀ ଦୂରୀକରଣ ସମ୍ପର୍କରେ ମଧ୍ୟ ଆଲୋଚନା କରିଛନ୍ତି। ଏହି ସମୟରେ ସେ ୨୦୧୪ରେ ସଂସଦର ସେଣ୍ଟ୍ରାଲ ହଲରେ ଦେଇଥିବା ଭାଷଣ କଥା ମଧ୍ୟ ଉଠାଇଛନ୍ତି। ସେ ସେତେବେଳେ କହିଥିଲେ ଯେ ତାଙ୍କ ସରକାର ଗରିବଙ୍କ ପାଇଁ ଉତ୍ସର୍ଗୀକୃତ। ଏବେ ୫୦ କୋଟି ଲୋକ ଗରିବୀ ରେଖାରୁ ମୁକୁଳି ସାରିଛନ୍ତି। କିନ୍ତୁ ଏବେ ସେମାନେ ଯେମିତି ପୁଣି ଗରିବୀ ରେଖା ଭିତରକୁ ନ ଆସିବେ, ତା' ଉପରେ ଗୁରୁତ୍ୱ ଦେଇଛନ୍ତି ମୋଦୀ। ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, ଭାରତୀୟ ସମାଜ କେବେ ହେଲେ ବି ଖାଅ, ପିଅ ଓ ମୌଜ କରିବା ନୀତିରେ କେବେ ହେଲେ ଅନୁପ୍ରାଣିତ ନୁହେଁ। ବରଂ ଭାରତୀୟ ସମାଜର ପାରମ୍ପରିକ ମୂଲ୍ୟବୋଧ ହେଉଛି ସଞ୍ଚୟ। ସେ ଲୋକଙ୍କୁ ନିଜର ଆର୍ଥିକ ଭବିଷ୍ୟତକୁ ସୁରକ୍ଷିତ କରିବା ପାଇଁ ସଞ୍ଚୟ ଅଭ୍ୟାସକୁ ଅଧିକ ସଶକ୍ତ କରିବାକୁ ଆହ୍ୱାନ ଦେଇଛନ୍ତି।

ଭାରତ-ଜାପାନ...

ଜୟଶଙ୍କର କହିଛନ୍ତି ଯେ ବିଶ୍ୱଶୃଙ୍ଖଳା ବର୍ତ୍ତମାନ ପାଞ୍ଚଟି ପ୍ରମୁଖ ପରିବର୍ତ୍ତନ ଦେଇ ଗତି କରୁଛି। ଏଗୁଡ଼ିକ ମଧ୍ୟରେ ରହିଛି ଅନ୍ତର୍ଜାତୀୟ ଶୃଙ୍ଖଳା ପ୍ରତି କ୍ରମାଗତ ଆଘାତ, ସମ୍ବଳ ଏବଂ ପ୍ରଯୁକ୍ତିବିଦ୍ୟାର ରଣନୈତିକ ଉପଯୋଗ, ବଢୁଥିବା ପ୍ରତିଯୋଗିତା ଏବଂ ବିପଦ ଗ୍ରହଣ, ଯୋଗାଣ ଶୃଙ୍ଖଳାରେ ବିବିଧତା ଆଣିବାର ଆବଶ୍ୟକତା ଏବଂ ବିଶ୍ୱସ୍ତ ଭାଗିଦାରୀର ବୃଦ୍ଧି ପାଉଥିବା ଗୁରୁତ୍ୱ। ସେ କହିଥିଲେ ଯେ କୋଭିଡ୍ ମହାମାରୀ, ଦୁଇଟି ପ୍ରମୁଖ ବିବାଦ, ବାଣିଜ୍ୟ ବାଧାବିଘ୍ନ ଏବଂ ଆର୍ଥିକ ଅସ୍ଥିରତା ଜଗତୀକରଣର ଦଶନ୍ଧି ମଧ୍ୟରେ ବିକଶିତ ହୋଇଥିବା ଅନ୍ତର୍ଜାତୀୟ ବ୍ୟବସ୍ଥାକୁ ପ୍ରଭାବିତ କରିଛି। ଶକ୍ତି, ସମ୍ବଳ, ବଜାର ପ୍ରବେଶ, ପ୍ରଯୁକ୍ତିବିଦ୍ୟା ଏବଂ ଅର୍ଥ ଭଳି କ୍ଷେତ୍ରଗୁଡ଼ିକ ରଣନୈତିକ ଦୃଷ୍ଟିରୁ ଅଧିକରୁ ଅଧିକ ବ୍ୟବହୃତ ହେଉଛି। ଭୌତିକ ଏବଂ ଡିଜିଟାଲ ସଂଯୋଗର ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ରଗୁଡ଼ିକ ମଧ୍ୟ ରଣନୈତିକ ଏଜେଣ୍ଡାର ଅଂଶବିଶେଷ ହେବାରେ ଲାଗିଛି। ଏଭଳି ପରିସ୍ଥିତିରେ ନିୟମ ଏବଂ ନିୟମ ଉପରେ ଆଧାରିତ ବ୍ୟବସ୍ଥା ଦୁର୍ବଳ ହେବାରେ ଲାଗିଛି।

ଶୀତ ଅଧିବେଶନ...

୧୧ଟା ସମୟରେ ସ୍ୱାଭାବିକ ବାତାବରଣ ମଧ୍ୟରେ ଗୃହ କାର୍ଯ୍ୟ ଆରମ୍ଭ କରିଥିଲେ। ପ୍ରଥମେ 'ବନ୍ଦେ ମାତରଂ', 'ଜନଗଣ ମନ ଅଧି' ଜାତୀୟ ସଙ୍ଗୀତ ପରିବେଷଣ କରାଯାଇଥିଲା। ପ୍ରଥମେ ଗୃହର ନେତା ତଥା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦିବଂଗତ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ରାସବିହାରୀ ବେହେରା, ପୂର୍ବତନ ବିଧାୟକ ସ୍ୱର୍ଗତ କାହ୍ନୁଚରଣ ନାୟକ, ଓଡ଼ିଶା ପୁଲିସ୍‌ର ପୂର୍ବତନ କନେଷ୍ଟବଲ ସ୍ୱର୍ଗତ ଅଜୟ ବା, ସ୍ୱର୍ଗତ ହିମାଂଶୁ ରାୟ ଏବଂ ନିକଟରେ ଘଟିଯାଇଥିବା ଅର୍ଣ୍ଣବ ବାତ୍ୟା, ତତ୍‌ଜନିତ ବନ୍ୟା ଏବଂ ଭୂସ୍ଖଳନ ଯୋଗୁ ପ୍ରାଣ ହରାଇଥିବା ବ୍ୟକ୍ତି ବିଶେଷଙ୍କ ଉଦ୍ଦେଶ୍ୟରେ ଶୋକ ପ୍ରସ୍ତାବ ଆଗତ କରି ସେମାନଙ୍କର ଅବଦାନ ସମ୍ପର୍କରେ ସ୍ମୃତିଚରଣ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶୋକ ପ୍ରସ୍ତାବକୁ ସମର୍ଥନ କରି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ, ସିପିଆଇଏମ୍ ବିଧାୟକ ଦଳ ନେତା ଲକ୍ଷ୍ମଣ ମୁଣ୍ଡା ଏବଂ ଶେଷରେ ବାଚସ୍ପତି ଶ୍ରୀମତୀ ପାଢୀ ଦିବଂଗତଙ୍କ ଉଦ୍ଦେଶ୍ୟରେ ସ୍ମୃତିଚରଣ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହାପରେ ଗୃହରେ ଏକ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଦିବଂଗତ ପୂର୍ବତନ ମନ୍ତ୍ରୀ, ପୂର୍ବତନ ବିଧାୟକ ଓ ବାତ୍ୟା ପୀଡ଼ିତଙ୍କ ମୃତକଙ୍କ ଉଦ୍ଦେଶ୍ୟରେ ଗୃହରେ ଶ୍ରଦ୍ଧାଞ୍ଜଳି ଅର୍ପଣ କାର୍ଯ୍ୟକ୍ରମ ଶେଷ ହେବା କ୍ଷଣି ବିରୋଧୀ ଦଳ ଉଭୟ ବିଜେଡ଼ି ଏବଂ କଂଗ୍ରେସର ବିଧାୟକମାନେ ସ୍ଲୋଗାନ ବାଜି ଓ ପୋଷ୍ଟର ପ୍ରଦର୍ଶନ ସହ ଗୃହ ମଧ୍ୟଭାଗକୁ ଆସି ହୋ ହାଲ୍ଲା, ହଟ୍ଟଗୋଳ ଆରମ୍ଭ କରିଥିଲେ। କଂଗ୍ରେସ ଦଳର ବରିଷ୍ଠ ବିଧାୟକ ତାରାପ୍ରସାଦ ବାହିନୀପତି ଗୃହର ମଧ୍ୟଭାଗରେ ଥିବା ରିପୋର୍ଟରଙ୍କ ଟେବୁଲ ଉପରେ ଠିଆ ହୋଇ "ଓଡ଼ିଶାର ଅଭିଚ୍ଛେଦ୍ୟ ଅଙ୍ଗ, କୋଟିଆ ଆମର, କୋଟିଆକୁ ବଞ୍ଚାଇବା ଆମର ଦାବି'' ସ୍ଲୋଗାନ ଦେଇଥିବା ବେଳେ ଦଳର ଅନ୍ୟ ବିଧାୟକମାନେ ଏହି ଦାବି ଦୋହରାଇ ଗୃହର ବାତାବରଣକୁ ପ୍ରକମ୍ପିତ କରିଥିଲେ। ଅନ୍ୟ ପକ୍ଷରେ ମୁଖ୍ୟ ବିରୋଧୀ ଦଳ ବିଜେଡ଼ିର ବିଧାୟକମାନେ ଗୃହର ମଧ୍ୟଭାଗରେ ଏକାଠି ହୋଇ ପୋଷ୍ଟର ପ୍ରଦର୍ଶନ କରିଥିଲେ। ଗଞ୍ଜାମ, ଗଜପତି, କନ୍ଧମାଳ ବାତ୍ୟା ବନ୍ୟା ଓ ଭୂସ୍ଖଳନ ପ୍ରଭାବିତଙ୍କୁ କ୍ଷତିପୂରଣ କେବେ ମିଳିବ, ୨୪ବର୍ଷର ବିପର୍ଯ୍ୟୟ ପରିଚାଳନା ମଡ଼େଲକୁ ୨୪ ମାସରେ ନଷ୍ଟ କରିଦେଲ,ଗଞ୍ଜାମରେ ମନୁଷ୍ୟକୃତ ବନ୍ୟା ପାଇଁ ଦାୟୀ କିଏ? ଲେଖା ଥିବା ପୋଷ୍ଟର ଧରି ବିଜେଡ଼ି ବିଧାୟକମାନେ ବାଚସ୍ପତିଙ୍କ ପୋଡ଼ିୟମ ସମ୍ମୁଖରେ ପ୍ରଦର୍ଶନ ଜାରି ରଖିଥିଲେ। ତେବେ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ

ନବ ଓଡ଼ିଶା

ଭୁବନେଶ୍ୱର, ୧୯ ନଭେମ୍ବର, ଗୁରୁବାର, ୨୦୨୬

RNI Regd. No. : 52640/94
Postal Regd. No. :
BN/60/25-27

With Best Compliments From
JSW Utkal Steel Ltd.
Paradeep



ଫାଇଲ୍ ଫଟୋ

୨୭ ବର୍ଷ ତଳେ ଭୁବନେଶ୍ୱର ସାମ୍ବାଦିକ ମାନଙ୍କ ପକ୍ଷରୁ ନବ ଓଡ଼ିଶାର ନିର୍ମାତା ଡ.ହରେକୃଷ୍ଣ ମହତାବଙ୍କ ଜୟନ୍ତୀ ଉତ୍ସବ ନିୟମିତ ଭାବେ ପାଳନ କରାଯାଉଥିଲା। ସାମ୍ବାଦିକ ସର୍ବଶ୍ରୀ ଜୟାଶୀଷ ରାୟ, ରମେଶ ଚନ୍ଦ୍ର ସ୍ୱାଇଁ ଏବଂ ପ୍ରସନ୍ନ ମହାନ୍ତି ନିୟମିତ ଭାବରେ ନଭେମ୍ବର ୨୧ ତାରିଖ ଦିନ ଡ.ହରେକୃଷ୍ଣ ମହତାବଙ୍କ ଜୟନ୍ତୀ ଉତ୍ସବକୁ ମହା ଆଡ଼ମ୍ବର ସହିତ ପାଳନ କରି ଆସୁଥିଲେ। ତେବେ ପରବର୍ତ୍ତୀ କାଳରେ ଡ.ହରେକୃଷ୍ଣ ମହତାବଙ୍କ ଜୟନ୍ତୀ କମିଟି ଓ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ମିଳିତ ଭାବରେ ଏହି ଉତ୍ସବକୁ ପାଳନ କରାଯାଇଆସୁଛି। ସ୍ଫୁତିର ରୋମନ୍ଥନ ପୂର୍ବକ ୨୭ ବର୍ଷ ତଳେ ଡ. ହରେକୃଷ୍ଣ ମହତାବଙ୍କ ୧୦୧ ତମ ଜୟନ୍ତୀ ଉତ୍ସବକୁ ତତ୍କାଳୀନ ଓଡ଼ିଶାର ଅବକାରୀ ମନ୍ତ୍ରୀ ଶ୍ରୀ ସୁରେଶ କୁମାର ରାଉତରାୟ ପ୍ରଦୀପ ଜାଳି ଉଦ୍‌ଘାଟନ କରୁଛନ୍ତି (୨୧.୧୧.୧୯୯୯)। ନିକଟରେ ଅଛନ୍ତି ସାମ୍ବାଦିକ ଜୟାଶୀଷ ରାୟ, ରମେଶ ଚନ୍ଦ୍ର ସ୍ୱାଇଁ, ପ୍ରସନ୍ନ ମହାନ୍ତି, ତତ୍କାଳୀନ ନିର୍ଦ୍ଦେଶକ ସୂଚନା ଲୋକସଂପର୍କ ବିଭାଗ, ଦୁର୍ଗାମାଧବ ଦାଶ ଏବଂ ବିଶିଷ୍ଟ ସମାଜସେବୀ ମିଟୁ ବଡଜେନା ପ୍ରମୁଖ।

KVR GROUP
Spread Across
KVR INDUSTRIES PVT, LTD-RAJAM-532127
VIZIANAGARAM
DISTRICT, ANDHRAPRADESH
Mob-9841113984 / 9652203102

ରାଜ୍ୟସ୍ତରୀୟ ଶିଶୁ ବିଜ୍ଞାନ କଂଗ୍ରେସକୁ ମନୋନୀତ

କିସ୍ ଛାତ୍ରଛାତ୍ରୀଙ୍କ ପ୍ରକଳ୍ପ 'ମାଇଁ ଫୁଡ୍, ମାଇଁ ଲାଇଫ୍'



ଭୁବନେଶ୍ୱର, ୧୮/୧୧
ନ୍ୟୁଜ ବ୍ୟୁରୋ

୩୨ତମ ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସ (ଏନ୍‌ସିଏସ୍‌ସି)-୨୦୨୬ରେ କିସ୍ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ପ୍ରକଳ୍ପ 'ମାଇଁ ଫୁଡ୍, ମାଇଁ ଲାଇଫ୍' ଜିଲ୍ଲାସ୍ତରୀୟ ପ୍ରଦର୍ଶନୀରେ ଉତ୍କର୍ଷ ପ୍ରଦର୍ଶନ କରି ରାଜ୍ୟସ୍ତରୀୟ ଶିଶୁ ବିଜ୍ଞାନ କଂଗ୍ରେସ ପାଇଁ ମନୋନୀତ ହୋଇଛି । ଖୋର୍ଦ୍ଧା ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଦ୍ୱାରା ଆୟୋଜିତ ଏହି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ୨୦୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। 'ସ୍ଥାୟୀ ବିକାଶ ପାଇଁ ବିଜ୍ଞାନ ଓ ନବସର୍ଜନା' ବିଷୟବସ୍ତୁ ଆଧାରରେ କିସ୍‌ର ନବମ ଶ୍ରେଣୀର ଛାତ୍ର ଲକ୍ଷ୍ମଣ ହାଁସଦା ଓ ଛାତ୍ରୀ ବର୍ଷାରାଣୀ ଧାଉଆଙ୍କ ମିଳିତ ପ୍ରସ୍ତୁତ ଏହି ପ୍ରକଳ୍ପ ଅଂଶଗ୍ରହଣ କରିଥିଲେ । ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ନାୟକ ଏହି ପ୍ରକଳ୍ପର ମାର୍ଗଦର୍ଶନ କରିଥିଲେ । ଆଧୁନିକ ଜୀବନଶୈଳୀ, ଅସନ୍ତୁଳିତ ଖାଦ୍ୟାଭ୍ୟାସ ଓ ପୁଷ୍ଟିକର ଖାଦ୍ୟ ସଂପର୍କରେ ସଚେତନତାର ଅଭାବ ଯୋଗୁଁ ଲୋକମାନେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେଉଥିବା ପ୍ରସଙ୍ଗକୁ ଏହି ପ୍ରକଳ୍ପରେ ଗୁରୁତ୍ୱ ଦିଆଯାଇଛି । ବାଙ୍ଗଁଶ କରଡ଼ି (ହାଣ୍ଡୁଆ) ଏବଂ କୋଳିଆରୀ ଶାଗ ବଡ଼ି ଭଳି ପାରମ୍ପରିକ ଓ ସ୍ଥାନୀୟ ଖାଦ୍ୟର ପୁଷ୍ଟିକର ଗୁଣ ତଥା ସ୍ୱାସ୍ଥ୍ୟ ଉପକାରିତା ସଂପର୍କରେ ଏଥିରେ ଆଲୋକପାତ କରାଯାଇଛି। ଏହି ପାରମ୍ପରିକ ଖାଦ୍ୟଗୁଡ଼ିକୁ ସନ୍ତୁଳିତ ଆହାରରେ ସାମିଲ କରିବା ଦ୍ୱାରା ଉତ୍ତମ ସ୍ୱାସ୍ଥ୍ୟ ରକ୍ଷା ସହ ରକ୍ତଚାପ ଓ ରକ୍ତଶର୍କରା ନିୟନ୍ତ୍ରଣରେ ସହାୟତା ମିଳିପାରିବାର ସମ୍ଭାବନା ଉପରେ ମଧ୍ୟ ପ୍ରକଳ୍ପରେ ଗୁରୁତ୍ୱ ଦିଆଯାଇଛି । ଏଥିସହ ସ୍ଥାନୀୟ ଖାଦ୍ୟ ସଂପଦର ସୁରକ୍ଷା, ପାରମ୍ପରିକ ଖାଦ୍ୟାଭ୍ୟାସର ସଂରକ୍ଷଣ ଏବଂ ଏହାର ବ୍ୟବହାର ମାଧ୍ୟମରେ ଗ୍ରାମୀଣ ଓ ଆଦିବାସୀ ସମୁଦାୟଙ୍କ ଜୀବିକା ନିର୍ବାହ ଓ ଆର୍ଥିକ-ସାମାଜିକ ବିକାଶର ସୁଯୋଗ ସୃଷ୍ଟି ଉପରେ ମଧ୍ୟ ଆଲୋକପାତ କରାଯାଇଛି । ପାରମ୍ପରିକ ଖାଦ୍ୟ, ପୁଷ୍ଟି, ସ୍ୱାସ୍ଥ୍ୟ ଓ ସ୍ଥାୟୀ ବିକାଶ ମଧ୍ୟରେ ଥିବା ସଂପର୍କକୁ ଲୋକଲୋଚନକୁ ଆଣିବା ସହ 'ଆମର ପାରମ୍ପରିକ ଖାଦ୍ୟ ହିଁ ଆମର ପ୍ରାକୃତିକ ସଂପଦ' ବାର୍ତ୍ତା ପ୍ରସାର କରିବା ଏହି ପ୍ରକଳ୍ପର ମୁଖ୍ୟ ଉଦ୍ଦେଶ୍ୟ । ଏହି ପ୍ରକଳ୍ପ ପାଇଁ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ସନ୍ତୋଷ ବ୍ୟକ୍ତ କରି ଏଥିରେ ସାମିଲ୍ ଛାତ୍ରଛାତ୍ରୀ ଓ ଗାଇଡ୍ ଟିଚରଙ୍କୁ ଶୁଭେଚ୍ଛା ଜଣାଇବା ସହ ପ୍ରକଳ୍ପର ସଫଳତା କାମନା କରିଥିଲେ ।



